

যା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୮ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 JULY 2023

Vol.No. 35 ■ No. 199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିରୋଧୀ ମେଣ୍ଟ ଇଣ୍ଡିଆକୁ ମୋଦୀଙ୍କ କଟାକ୍ଷ

### ସେମାନେ ଉପା ନାଁ କାହିଁକି ବଦଳାଇଲେ ?



ନୂଆଦିଲ୍ଲୀ,୨୭/୦୭ : ରାଜସ୍ଥାନ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି(ଜୁଲାଇ ୨୭) ରାଜସ୍ଥାନର ସିକରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିବା ସହ ପିଏମ୍ କିସାନ୍ ଯୋଜନାର ଅର୍ଥରାଶୀ ବଣ୍ଟନ କରିଛନ୍ତି। ଏହି ଅବସରରେ ମଧ୍ୟ ପ୍ରଧାନମନ୍ତ୍ରୀ ବିରୋଧୀଙ୍କ ମିଳିତ ମଞ୍ଚ **I.N.D.I.A** ନାମକୁ କଟାକ୍ଷ କରିବା ସହ ରାଜ୍ୟର ଅଶୋକ ଗେହଲଟ ସରକାରଙ୍କୁ ନିଶାନା କରିଛନ୍ତି। ବିରୋଧୀ ଲୁଟ୍ କରି ଇଣ୍ଡିଆ ନାମରେ ଲୁଚିବାକୁ ଚାହୁଁଛନ୍ତି। **SIMI (Students' Islamic Movement of India)** ରେ ମଧ୍ୟ ଇଣ୍ଡିଆ ଥିଲା, ପରବର୍ତ୍ତୀ ସମୟରେ ଏହାର ନାମ ଚରଓ **(Popular Front of India)**କୁ ବଦଳାଗଲା। କିନ୍ତୁ ଏସବୁ ନାମଧାରୀ କେବଳ ଭାରତକୁ ଲୁଟିବା ପାଇଁ ଆସିଛନ୍ତି, ଯେପରି ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଇଣ୍ଡିଆ ନାମ ନେଇ ଆସିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ବିରୋଧୀମାନେ ମିଳିତ ମଞ୍ଚର ନାମ ଏଥିପାଇଁ ବଦଳାଇଛନ୍ତି, ଯେମିତି ସେମାନେ ସେମାନଙ୍କର କାରନାମାକୁ ଲୁଚାଇ ପାରିବେ। ଗଣତନ୍ତ୍ରରେ ପ୍ରତ୍ୟେକ ସରକାରକୁ ନିଜ କାର୍ଯ୍ୟର ହିସାବ ଦେବାକୁ ପଡିବ, କଣ ରାଜସ୍ଥାନରେ କଂଗ୍ରେସ ଏହାର କାର୍ଯ୍ୟର ହିସାବ ଦେଉଛି ? କେବଳ ପାରସ୍ପରିକ କଳହରେ ସେମାନେ ମୂଲ୍ୟବାନ ସମୟ ▶▶ପୃଷ୍ଠା ୭

### ଓଏଏସ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ରାଜ୍ୟ ସରକାର ଆଜି ଓଏଏସ୍ ଅଫିସରସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ତଥା ରାଜ୍ୟ ଜନଜାତି ନିର୍ଦ୍ଦେଶକ ଶ୍ରୀକାନ୍ତ ତରାଇଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି । ନାରାୟଣପାଟଣା ତହସିଲଦାର ଯଦୁମଣି ନାଏକଙ୍କୁ ନବରଙ୍ଗପୁର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି। ଗୋସାଣୀ ବିଡିଓ ନୀଳମାଧବ ମାଝୀଙ୍କୁ ଗଜପତି ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପାପଡ଼ାହାଣ୍ଡି ତହସିଲଦାର ଯୋଗେଶ୍ୱର ଭୋଇଙ୍କୁ ନୂଆପଡ଼ା ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି ।

### ମହରମ୍ ପାଇଁ ୨୮ ପରିବର୍ତ୍ତେ ଜୁଲାଇ୨୯ ତାରିଖ ଛୁଟି ଘୋଷଣା

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଚଳିତ ଜୁଲାଇ ୨୯ ତାରିଖ (ଶନିବାର) ଦିନ 'ମହରମ୍' ପର୍ବ ପଡୁଥିବାରୁ ରାଜ୍ୟ ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୁଲାଇ ୨୮ (ଶୁକ୍ରବାର) ଦିନଟିକୁ 'ମହରମ୍' ନିମନ୍ତେ ଛୁଟି ଘୋଷଣା କରାଯାଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ ବିଜ୍ଞପ୍ତି ଅନୁସାରେ ଜୁଲାଇ ୨୮ ତାରିଖ ପରିବର୍ତ୍ତେ ଜୁଲାଇ ୨୯ ତାରିଖ (ଶନିବାର) ଦିନଟିକୁ 'ମହରମ୍' ପର୍ବ ନିମନ୍ତେ ଛୁଟି ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ଜୁଲାଇ ୨୯ ତାରିଖ ଦିନ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରିଆଲ୍ କୋର୍ଟ (ଏକ୍‌ଜିକୁଟିଭ୍) ବନ୍ଦ ରହିବ ।

### ପାରିବାରିକ କଳହରୁ ସ୍ୱାମୀକୁ ଛୁରୀରେ ଭୁସି ସ୍ତ୍ରୀ ଓ ପୁଅ କଲେ ହତ୍ୟା

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଭଦ୍ରକରେ ପାରିବାରିକ କଳହରୁ ସ୍ୱାମୀକୁ ଛୁରୀରେ ଭୁସି ସ୍ତ୍ରୀ ଓ ପୁଅ ହତ୍ୟା କରିଛନ୍ତି । ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନସ୍ଥ ବାଣିତିଆ ପଂଚାୟତ ମହଲା ସାହିରେ ଏହି ଅଭାବନୀୟ ଘଟଣା ଘଟିଛି । ଏହା ପରେ ଗ୍ରାମବାସୀ ମାନେ .ସ୍ତ୍ରୀ ଓ ପୁଅକୁ ଗଛରେ ବାନ୍ଧି ମାଡ ମାରିଥିବା ଜଣା ପଡିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଭଦ୍ରକ ଗ୍ରାମାଂଚଳ ପୋଲିସ ଘଟଣା ସ୍ଥଳରେ ପହଂଚି ପହଂଚି ସ୍ତ୍ରୀ ଓ ପୁଅକୁ ଅଟକ ରଖିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

### ଜେଇ ସିଭିଲ୍ ମେନ୍ ପ୍ରଶ୍ନପତ୍ର ଲିକ୍ ମାମଲା

## ପ୍ରିଣ୍ଟିଂ ପ୍ରେସ୍‌ରୁ ହୋଇଛି ପ୍ରଶ୍ନପତ୍ର ଲିକ୍: ହେଲ୍‌ପର କରିଛି ଖେଳ

### ବିହାରରୁ ମାଷ୍ଟର ମାଇଣ୍ଡ ସମେତ ୭ ଗିରଫ



ବାଲେଶ୍ୱର, ୨୭/୦୭ (ନି.ପ୍ର): ଓଡ଼ିଶା ଷ୍ଟାଫ୍ ସିଲେକସନ୍ କମିଶନ ଦ୍ୱାରା ପରିଚାଳିତ ଜେଇ ସିଭିଲ୍ ମେନ୍ ପ୍ରଶ୍ନପତ୍ର ଲିକ୍ ଏକ ପ୍ରିଣ୍ଟିଂ ପ୍ରେସରୁ ହୋଇଛି। ପ୍ରିଣ୍ଟିଂ ପ୍ରେସର ଜଣେ ହେଲ୍‌ପର ଏହି ପ୍ରଶ୍ନପତ୍ର ଲିକ୍ କରିଛି। ଆଜି ଏହି ତଥ୍ୟ ଦେଇଛନ୍ତି ବାଲେଶ୍ୱର ଏସ୍‌ପି ସାଗରିକା ନାଥ। ଏସ୍‌ପିଙ୍କ କହିବା ଅନୁସାରେ ପ୍ରିଣ୍ଟିଂ ପ୍ରେସର ହେଲ୍‌ପର ପ୍ରଶ୍ନପତ୍ର ଆଣି ମାଷ୍ଟରମାଇଣ୍ଡକୁ ଦେଇଥିଲା। ମାଷ୍ଟରମାଇଣ୍ଡ ହେଉଛନ୍ତି ବିହାରର ଜଣେ ସରକାରୀ ଅଧିକାରୀ। ପ୍ରଶ୍ନପତ୍ର ଲିକ୍ କରିଥିବା ପ୍ରିଣ୍ଟିଂ ପ୍ରେସ ହେଲ୍‌ପର ଓ ମାଷ୍ଟରମାଇଣ୍ଡ ଗୋଟିଏ ଗାଁର। ସଂପୃକ୍ତ ପ୍ରିଣ୍ଟିଂ ପ୍ରେସଟି ଓଡ଼ିଶା ବାହାରେ। ୯ରୁ ୧୧ ତାରିଖ ମଧ୍ୟରେ ପ୍ରଶ୍ନପତ୍ର ପ୍ରେସରୁ ହେଲ୍‌ପର ଆଣିଥିଲା ବୋଲି ଏସ୍‌ପି କହିଛନ୍ତି। ସେ ଆହୁରି କହିଛନ୍ତି, ଓଡ଼ିଶାରୁ ଗିରଫ ଲୋକ କେବଳ ମଧ୍ୟସ୍ଥ କାମ କରୁଥିଲେ। ଓଡ଼ିଶାରୁ କୌଣସି ସରକାରୀ ଅଧିକାରୀଙ୍କ ସଂପୃକ୍ତି ଜଣାପଡ଼ିନି। ବର୍ତ୍ତମାନ ତଦନ୍ତ ଚାଲିଛି। ଏହି ମାମଲାରେ ୧୭ ଗିରଫ ହୋଇଛନ୍ତି। ଆଗକୁ ସଂଖ୍ୟା ବଢ଼ିବ। ପ୍ରିଣ୍ଟିଂ ପ୍ରେସ୍ ହେଲ୍‌ପର ଘରୁ ନଗଦ ▶▶ପୃଷ୍ଠା ୭

### ପିସିସି ନିର୍ବାଚନ ଇସ୍ତାହାର କମିଟି ଘୋଷିତ

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପ୍ରଦେଶ କଂଗ୍ରେସ ନିର୍ବାଚନ ଇସ୍ତାହାର କମିଟି ଅଧ୍ୟକ୍ଷ ପଂଚାନନ କାନୁନଗୋ ପିସିସି ନିର୍ବାଚନ ଇସ୍ତାହାର କମିଟି ଘୋଷଣା କରିଛନ୍ତି। ଏହି କମିଟିରେ କଂଗ୍ରେସ ପ୍ରଭାରୀ ଡା. ଏ. ଚେଲ୍ଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ବରିଷ୍ଠ ଉପସଭାପତି ଗଣେଶ୍ୱର ବେହେରା, ପ୍ରୋଗାମ ଇମ୍ପ୍ଲିମେଂଟେସନ କମିଟି ଅଧ୍ୟକ୍ଷ ଯଜ୍ଞେଶ୍ୱର ବାବୁ, କୋଷାଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ପ୍ରମୁଖ ରହିଥିବା ବେଳେ ▶▶ପୃଷ୍ଠା ୭

### ସିଲିକନ ଗ୍ରୁପ ଓଡିଶାରେ ଏକ ହଜାର କୋଟି ଟଙ୍କାର କରିବ ନିବେଶ

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଆମେରିକାର ସିଲିକନ ପାୱାର କମ୍ପାନୀ ଓଡିଶାରେ ୧୫୦ ଏମଏମ ସିଲିକନ କାର୍ବାଇଡ ମ୍ୟାନୁଫେକ୍ଚରିଂ ଫେସିଲିଟି ଖୋଲିବ । ଏହି ପ୍ରକଳ୍ପରେ କମ୍ପାନୀ ୧ ହଜାର କୋଟି ଟଙ୍କାର ପୁଂଜିନିବେଶ କରିବ । ଏହି ଗ୍ରୁପର ଭାରତୀୟ ସବସିଡାରୀ କମ୍ପାନୀ ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ଦ୍ୱାରା ଏହି ପୁଂଜି ବିନିଯୋଗ କରାଯିବ। ପୁଂଜି ନିବେଶକାରୀଙ୍କୁ ଆକର୍ଷିତ କରିବାକୁ ଆମେରିକା ଯାଇଥିବା ଓଡିଶାର ପ୍ରତିନିଧି ଦଳକୁ ଗ୍ରୁପର ପ୍ରମୋଟର ଡ. ହର୍ଷଦ ମେହେତା ଏ ସମ୍ପର୍କିତ ଲେଟର ଅଫ ଇଂଟେଂଟ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଡ.ମେହତାଙ୍କ ନେତୃତ୍ୱରେ କମ୍ପାନୀର ଏକ ଟିମ ଆଗାମୀ ଏକ ମାସ ମଧ୍ୟରେ ଓଡିଶା ଗସ୍ତ କରିବ। ଆଗାମୀ ୧୮ରୁ ୨୪ ମାସ ମଧ୍ୟରେ କମ୍ପାନୀ ଓଡିଶାରେ ତାର କାର୍ଯ୍ୟ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

### ହୀରାକୁଦର ୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି

ସମ୍ବଲପୁର/ଭୁବନେଶ୍ୱର, ୨୭/୦୭ (ନି.ପ୍ର): ହୀରାକୁଦ ଡ୍ୟାମ୍ ର ୪ଟି ଗେଟ୍ ବନ୍ଦ କରାଯାଇଛି। ବର୍ତ୍ତମାନ ମୋଟ ୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ବାମପଟୁ ୬ଟି ଗେଟ୍ ଖୋଲା ରହିଥିବା ବେଳେ ଡାହାଣ ପଟର ୨ଟି ଗେଟ୍ ଦେଇ ଚାଲିଛି ଜଳ ନିଷ୍କାସନ।

## ବିକାଶ ପାଇଁ ପରିବର୍ତ୍ତନ ଜରୁରୀ : ରାଷ୍ଟ୍ରପତି

- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଡିଭାଇନ୍ ଲାଇଟ୍ ହାଉସ୍ ପାଇଁ ଶିଳାନ୍ୟାସ କଲେ ରାଷ୍ଟ୍ରପତି
- ଓଡିଶା ଗସ୍ତ ସାରି ଫେରିଗଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୨୭/୦୭ (ନି.ପ୍ର): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୁରୁବାର ଭୁବନେଶ୍ୱର ଉପକଣ୍ଠ ତମାଣ୍ଡୋ ଦଶବାଟିଆ ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ''ଡିଭାଇନ୍ ଲାଇଟ୍ ହାଉସ'' ବା ଦୈବିକ ଆଲୋକ ଭବନ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ସେ ସେମିନାର ଓ ସମ୍ମିଳନୀ ଆୟୋଜନ କରିବା ଲାଗି ଚଳିତ ବର୍ଷର ବିଷୟବସ୍ତୁ ''ସକାରାତ୍ମକ ପରିବର୍ତନର ବର୍ଷ'' କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ରାଷ୍ଟ୍ରପତି କାର୍ଯ୍ୟକ୍ରମ ଅବସରରେ ଉଦବୋଧନ ଦେଇ କହିଥିଲେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ସଂଗଠନ ନୁହେଁ ବରଂ ଏହା ମହିଳାଙ୍କ ଦ୍ୱାରା ପରିଚାଳିତ ଏକ ସାମାଜିକ ଓ ଆଧ୍ୟାତ୍ମିକ ଅଭିଯାନ। ମାନବ ଜଗତ ପାଇଁ ଉଭୟ ଭୌତିକ ଏବଂ ଆଧ୍ୟାତ୍ମିକ ବିକାଶ ଜରୁରୀ । ସେ ଆହୁରି କହିଥିଲେ ଯେ, ପ୍ରଯୁକ୍ତି ପରିବର୍ତନର ବାହକ ଏବଂ ସେହି ପରିବର୍ତନକୁ ଅଣଦେଖା କରାଯାଇପାରିବ ନାହିଁ, କାରଣ ବିକାଶ ପାଇଁ ଏହା ଜରୁରୀ । ଶ୍ରୀମତୀ ମୁର୍ମୁ କହିଥିଲେ ଯେ, ଭୌତିକ ପରିବର୍ତନ ଆମକୁ ଖୁସି ଦେଇପାରେ କିନ୍ତୁ ଆଧ୍ୟାତ୍ମିକ ମାର୍ଗରେ ଚାଲିଲେ ମାନସିକ ଶାନ୍ତି ମିଳିଥାଏ। ଧ୍ୟାନ ଏବଂ ଏକ ଶୃଙ୍ଖଳିତ ଜୀବନଶୈଳୀ ଜରିଆରେ ▶▶ପୃଷ୍ଠା ୭

### ସହକାରୀ ଯନ୍ତ୍ରୀ ଗିରଫ

ଭବାନୀପାଟଣା, ୨୭/୦୭ (ନି.ପ୍ର): ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ସାଧାରଣ ଜନସ୍ୱାସ୍ଥ୍ୟ ସେକ୍ସନର ସହକାରୀ ଯନ୍ତ୍ରୀ କିଶୋରଚନ୍ଦ୍ର ସାହୁଙ୍କୁ ଗିରଫ କରିଛି ଭିଜିଲାନ୍ସ। କିଶୋରଚନ୍ଦ୍ର ସାହୁ ତାଙ୍କ ଆୟଠାରୁ ୩୧୩% ଅଧିକ ସଂପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଶ୍ରୀ ସାହୁଙ୍କର ଭବାନୀପାଟଣା ସହରରେ ୧.୧୦ କୋଟି ଟଙ୍କାର ଗୋଟିଏ ତିନି ମହଲା କୋଠା ରହିଛି। ଭବାନୀପାଟଣା ସହରରେ ପ୍ରମୁଖ ସ୍ଥାନରେ ତାଙ୍କର ଦୁଇଟି ପ୍ଲଟ୍ ? ରହିଛି। ବ୍ୟାଙ୍କ, ପୋଷ୍ଟାଲ ଓ ବୀମା ଜମା ବାବଦକୁ ତାଙ୍କର ୧ କୋଟି ୫୪ ଲକ୍ଷ ଟଙ୍କା ଠାବ କରାଯାଇଛି। ତାଙ୍କ ଠାରୁ ନଗଦ ୨.୬୫ ଲକ୍ଷ ଟଙ୍କା ସହିତ ୪୪୧ ଗ୍ରାମର ସୁନା ଓ ୭୦୦ ଗ୍ରାମର ରୁପା ଅଳଙ୍କାର ଜବତ କରାଯାଇଛି। ତାଙ୍କର ୨ଟି ଦୁଇ ଚକିଆ ଗାଡ଼ି ଓ ଅନ୍ୟାନ୍ୟ ଗୃହଉପକରଣ ଠାବ କରାଯାଇଛି, ଯେଉଁଗୁଡ଼ିକର ମୂଲ୍ୟ ୫.୪୭ ଲକ୍ଷ ଟଙ୍କାରୁ ଅଧିକ। ସହକାରୀ ଯନ୍ତ୍ରୀ କିଶୋରଚନ୍ଦ୍ର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଭିଜିଲାନ୍ସ ଅଧିକ ତଦନ୍ତ ଜାରି ରଖିଛି।

### ଫେବୃଆରୀ ୨୦ରୁ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଆସନ୍ତା ଫେବୃଆରୀ ୨୦ରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ମାର୍ଚ୍ଚ ୪ ତାରିଖ ଚାଲିବ ପରୀକ୍ଷା। ମାଟ୍ରିକ ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ହେବ। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ମାଟ୍ରିକ ପରୀକ୍ଷା ପାଇଁ ଆସନ୍ତା ଅକ୍ଟୋବର ମାସରେ ଫର୍ମପୂରଣ ହେବ। ସେହିପରି ମାର୍ଚ୍ଚ ୧୨ରୁ ମାଟ୍ରିକ୍ ଖାତାଦେଖା ଆରମ୍ଭ ହେବ। ତେବେ ପରୀକ୍ଷା ସଂପର୍କରେ ବିସ୍ତୃତ ବିବରଣୀ ପରେ ପ୍ରକାଶ କରାଯିବ ବୋଲି ସୂଚନା ମିଳିଛି।




## ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଗତକାଲି ଦକ୍ଷିଣ- ଓଡିଶା ଏବଂ ଉତର ଆନ୍ଧ୍ରପ୍ରଦେଶ ଉପକୂଳରେ ସୃଷ୍ଟି ହୋଇଥିବା ସୁଦୃଶ ଲଘୁଚାପ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେହିପରି ମୌସୁମୀ ନିମ୍ନ ଚାପରେଖା ଦକ୍ଷିଣ ଭାଗରୁ ଧୀରେ ଧୀରେ ତାର ସାଧାରଣ ଅବସ୍ଥାନକୁ ଫେରୁଥିବାରୁ ରାଜ୍ୟରେ ୩୦ ରୁ ବିସ୍ତୃତି ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ଓଡ଼ିଶାର ୬ଟି ଜିଲ୍ଲାରେ ପ୍ରବଳ ବର୍ଷା (୭ରୁ ୧୧ ସେମି)ର ସମ୍ଭାବନା ରହିଛି । ନୂଆପଡ଼ା, ନବରଙ୍ଗପୁର,ବଲାଙ୍ଗୀର, କଳାହାଣ୍ଡି, ମାଲକାନଗିରି ଓ କୋରାପୁଟ ପ୍ରଭୃତି ୬ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

## ମଣିପୁରରେ ମହିଳାଙ୍କୁ ଅସଦାଚରଣ କରିବା ଘଟଣା: ସିବିଆଇ କରିବ ତଦନ୍ତ




ନୂଆଦିଲ୍ଲୀ,୨୭/୦୭ : ମଣିପୁରରେ ୨ ଜଣ ମହିଳାଙ୍କୁ ବିବ୍ ରାସ୍ତାରେ ଉଲଗ୍ନ କରି ଚଳାଇବା ଓ ଅସଦାଚରଣ କରିବା ଭଳି ଜଘନ୍ୟକାଣ୍ଡର ତଦନ୍ତ ସିବିଆଇ କରିବ। ଏନେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଆସନ୍ତାକାଲି ଅବଗତ କରାଇ ପାରନ୍ତି। ଏହାବାଦ ଘଟଣା ବେଳର ଦୃଶ୍ୟକୁ କଏଦ ପାଇଁ ବ୍ୟବହାର କରାଯାଇଥିବା ମୋବାଇଲକୁ ଆଜି ତଦନ୍ତକାରୀ ଅଧିକାରୀମାନେ ଜବତ ମଧ୍ୟ କରିଛନ୍ତି। ଆଦିବାସୀ ଓ ଅଣଆଦିବାସୀ ସଂଘର୍ଷ ଯୋଗୁ ଅଶାନ୍ତ ହୋଇ ପଡ଼ିଥିବା ମଣିପୁରରେ ଦୁଇ ଜଣ ମହିଳାଙ୍କୁ ମେ' ୪ ତାରିଖରେ ମୈତେ ସଂପ୍ରଦାୟର ଲୋକ ବିବ୍ ରାସ୍ତାରେ ନିବସ୍ତ୍ର କରି ଚଲାଇ ଚଲାଇ ନେଇଥିଲେ। ଏହାର ଭିଡିଓ ଜୁଲାଇ ୧୯ରେ ସାମ୍ନାକୁ ଆସିଥିଲା। ଭିଡିଓ ଦେଖି ପୂରା ଦେଶ ଦୋହଲି ଯାଇଛି। ସଂସଦ ଠାରୁ ଆରମ୍ଭ ଗାଁ ଗାଁରେ ଏହି ଘଟଣା ବିରୋଧରେ ସ୍ୱର ଉଠିବାରେ ଲାଗିଛି। କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ମଧ୍ୟ ମଣିପୁର ପ୍ରସଙ୍ଗକୁ ନେଇ ଅଡୁଆରେ ପଡ଼ିଛନ୍ତି। ଏସବୁ ଭିତରେ ଏବେ ଘଟଣାର ତଦନ୍ତ ସିବିଆଇ କରିବ ବୋଲି ଜଣାପଡ଼ିଛି।

▶▶ପୃଷ୍ଠା ୭

# ନିଶା ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ପୁରୀ

ପୁରୀ, ୨୭/୦୭ (ନି.ପ୍ର): ବିଶ୍ୱସ୍ତରୀୟ ସହର ପୁରୀ । ଦେଶ ବିଦେଶରୁ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ପୁରୀ ଆସୁଛନ୍ତି । ପର୍ଯ୍ୟଟନ ସ୍ଥଳ ହୋଇଥିବାରୁ ବିଭିନ୍ନ ପ୍ରକାର ନିଶା ବେପାରି ଓ ନିଶା ସେବନକାରୀ ପୁରୀକୁ ଆସୁଛନ୍ତି । ଗତ କିଛିମାସ ହେଲାଣି କେବଳ ଲୋକ ଦେଖାଣିଆ ଓ ପ୍ରଚାର ପ୍ରସାର ପାଇଁ ଛୋଟ ନିଶା ବେପାରି କୋରେକ୍ସ ବେପାରି,ଭାଙ୍ଗ ଗଞ୍ଜା ବେପାରି ଆଦିଙ୍କୁ ପୋଲିସ ଓ ଅବକାରୀ ବିଭାଗ ସଲାକୁସ୍ତି ପରି ଧରୁଥିବା ବେଳେ ଅସଲ ମୂଳ ବେପାରି ଖସି ଯାଉଥିବା ସାଧାରଣରେ ଆଲୋଚନା ହେଉଛି । ବଳିଆପଣ୍ଡା, ମଙ୍ଗଳାଘାଟ, ତ୍ରିଦେବ ନଗର, ମିଶ୍ର ସାହିରୁ ଅନେକ ଥର ନିଶା ବିକ୍ରୟକାରୀ ଧରା ପଡୁଥିଲେ ମଧ ନିଶା ବେପାର କମୁନଥିବା ଅଭିଯୋଗ ହେଉଛି । ପୁରୀରେ ଭାରତର ସବୁ ରାଜ୍ୟ ଓ ବିଦେଶ ନିଶା ସେବନକାରୀ ଆସୁଥିବାରୁ ସେମାନଙ୍କ ଚାହିଦା ମେଟାଂଇବା ପାଇଁ ପୋଲିସ ଆଖିରେ ଧୂଳି ଦେଇ ନିଶା ବେପାରିମାନେ ସତର୍କତାର ସହ ସେମାନଙ୍କ ବେପାର ଚଳାଇଥିବା ଅଭିଯୋଗ ହେଉଛି । ବାସେଳି ସାହି ଥାନା ଅଂଚଳରୁ ବାରମ୍ବାର ନିଶା ବିକ୍ରୟକାରୀ ଧରା ପଡୁଥିଲେ ମଧ ପୁଣି କିପରି ବେପାର ବଢୁଛି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି । ପୁରୀର ପାରମ୍ପାରିକ ନିଶା ଭାଙ୍ଗ ପଣା ବଡ଼ଦାଣ୍ଡରେ ବନ୍ଦ ହୋଇଥିଲେ ମଧ ବିଭିନ୍ନ ସହର ତଳି ଅନ୍ଧାରିଆ ସ୍ଥାନ ପୋଖରି କୂଳ ମାନଙ୍କରେ ଖୁଲମଖୋଲା ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ବିକ୍ରି କରାଯାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଅସାମାଜିକ ଯୁବକମାନେ କାମ ଧନ୍ଦା ନପାଇ ନିଶା ବେପାରରେ ଅଧିକ ଟଙ୍କା ପାଉଥିବାରୁ ସେମାନେ ଏହି ପନ୍ଥା ବାଛିନେବାକୁ ଆଗ୍ରହ କରୁଛନ୍ତି ବୋଲି କୁହାଯାଉଛି । ପୁରୀର କ୍ରିଟିକାଲ ସ୍ଥିତିରେ କ୍ରାଇମ ରହିଥିବାରୁ ଏହାକୁ ସୁଧାରିବା ପାଇଁ ଏସପି କେ. ବିଶାଲ ସିଂହ ବିଭିନ୍ନ ସମୟରେ କ୍ରାଇମ କମାଇବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ ବିଭିନ୍ନ ଥାନା ଅଧିକାରୀମାନଙ୍କ ଆନ୍ତରିକତା ଅଭାବରୁ କ୍ରାଇମ ଓ ନିଶା ବେପାର କମିବା ସମ୍ଭବ ହେଉନାହିଁ । ଏହାସହ କେତେକ ଯୁବକ ଜାଗା ବେପାର ଜମି ଦଖଲ, ହୋଟେଲରୁ ବଟି ଓ ଠିକାଦାରଙ୍କ ଠାରୁ ବଟି ଆଦାୟ କରୁଥିବାରୁ ଏହା ପୁରୀରେ କ୍ରାଇମ ବଢାଇବାରେ ସହଯୋଗ କରୁଛି ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି । ଜଣେ ଅବକାରୀ ଅଧିକାରୀ ସତ କଥା କହି ଶେଷରେ ଭିଜିଲାନ୍ସ ହାତରେ ଧରା ପଡ଼ି ପୁରୀରୁ ବିଦା ହୋଇଥିବା ଜଣାପଡ଼ିଛି । ପୁରୀରେ ନିଶା ବେପାର, ଜମି ବେପାର, ହୋଟେଲ ବେପାର ଓ ଟୁରିଷ୍ଟ ବୁକିଂ ଉପରେ ପୋଲିସ ନଜର ରଖିବାକୁ ସାଧାରଣରେ ଦାବି ହେଉଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାର 'ପ୍ରୋତ୍ସାହନ ରାଶି' ଏକ ଧୂଆଁବାଣ ଓ ପ୍ରହସନ ସଦୃଶ : ବିଜେପି

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ବହୁ ତୁମ୍ବିତୋଫାନ ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଜୁନ୍ ୧୬ ତାରିଖରୁ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ସହିତ ୪୦ହଜାର ଟଙ୍କା ଦେଇଛନ୍ତି ଏବଂ ଅବଶିଷ୍ଟ ରାଶି ଦୁଇଟି କିସ୍ତିରେ ଗୃହକାର୍ଯ୍ୟର ଅଗ୍ରଗତି ନେଇ ପ୍ରଦାନ କରାଯିବ ନିଷ୍ପତି ନେଇଛନ୍ତି । ଯେଉଁ ହିତାଧିକାରୀମାନେ ଜୁନ୍ ୧୬ରୁ ଅକ୍ଟୋବର ଅର୍ଥାତ୍ ୪ମାସ ସମୟ ସୀମା ଭିତରେ ଗୃହକାର୍ଯ୍ୟକୁ ସମାପ୍ତ କରିବେ ତାଙ୍କୁ ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶୀ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ରାଜ୍ୟ ସରକାର ବର୍ଷାଦିନେ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ କିପରି ପ୍ରଦାନ କରିଛନ୍ତି ବୋଲି ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ ସରକାରୀ କୋଠା, ପୋଲ ଏବଂ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ବର୍ଷା ଦିନ ପାଇଁ ଶୀଥିଳ ପଡିଯାଇଛି । ଏ କ୍ଷେତ୍ରରେ ବର୍ଷାଦିନେ ହିତାଧିକାରୀମାନେ ଗୃହକାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟଦାୟକ ବ୍ୟାପାର । ବର୍ଷା ଦିନେ ଗୃହ ନିର୍ମାଣ ସାମଗ୍ରୀ ବାଲି ହେଉ କି ଗୋଡି ଚଢ଼ାଦରରେ ମିଳେ ଏବଂ ହିତାଧିକାରୀ ଘର ପାଖକୁ ମଧ ଗୃହନିର୍ମାଣ ସାମଗ୍ରୀ ସହଜରେ ପହଁଚିପାରେ ନାହିଁ, ଫଳରେ ଘର ନିକଟକୁ ଗୃହସାମଗ୍ରୀ ନେବା ପାଇଁ ତାଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡେ । ବର୍ଷାଦିନେ ଗାଁ ଗହଳିରେ ହିତାଧିକାରୀ ବା ସମସ୍ତ ଲୋକେ ଚାଷବାସରେ ବ୍ୟସ୍ତ ରୁହନ୍ତି, ଫଳରେ ଗୃହ କାର୍ଯ୍ୟ କରିବା ପାଇଁ ଶ୍ରମିକଟିଏ ମିଳିବା କଷ୍ଟକର । ଯେଉଁ ଶ୍ରମିକ ମିଳନ୍ତି ସେମାନେ ଅଧିକ ଅର୍ଥ ଦାବି କରନ୍ତି । ଯେଉଁଥି ପାଇଁ ଏସମୟରେ ହିତାଧିକାରୀମାନେ ଗୃହକାର୍ଯ୍ୟ ଆରମ୍ଭ ପାଇଁ ପଛଘୁଂଚା ଦେଉଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଓଡ଼ିଶାରେ ପରମ୍ପରା ଓ ବିଶ୍ୱାସ ରହିଛି ଯେ, ମଳମାସରେ କୌଣସି ଶୁଭକାମ କରାଯାଏ ନାହିଁ । ଯେଉଁଥିପାଇଁ ହିତାଧିକାରୀମାନେ ଗୃହକାର୍ଯ୍ୟ ଆରମ୍ଭ ନକରିବା ଅନ୍ୟ ଏକ କାରଣ । ଏହି ୪ମାସ ଅବଧି ମଧରେ ହିତାଧିକାରୀମାନେ ଗୃହକାର୍ଯ୍ୟ ସମାପ୍ତ କରିବା ଅସମ୍ଭବ । ରାଜ୍ୟ ସରକାର ହିତାଧିକାରୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାରେ କେତେ ଆନ୍ତରିକତା ରହିଛି ଏଥିରୁ ସ୍ପଷ୍ଟ ପ୍ରମାଣିତ ।

# ବିପଦ ସଂକୁଳ ଅବସ୍ଥାରେ କଂଚନପୁର ପ୍ରାଥମିକ ବିଦ୍ୟାଳୟ: ସ୍କୁଲ ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ

ଚମ୍ପୁଆ, ୨୭/୦୭ (ନି.ପ୍ର): ଚମ୍ପୁଆ ବ୍ଲକରେ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ିଲାଣି ଶିକ୍ଷା ବ୍ୟବସ୍ଥା । ଅନେକ ଗ୍ରାମରେ ଥିବା ବିଦ୍ୟାଳୟଗୁଡିକ ବିପଦ ସଂକୁଳ ଅବସ୍ଥାରେ ରହିଥିଲେ ମଧ ଏଥି ପ୍ରତି ପଂଚାୟତ କର୍ତୃପକ୍ଷଙ୍କ ନଜର ପଡୁଛି ନା ସ୍ଥାନୀୟ ପ୍ରଶାସନର ନଜର ପଡୁଛି । ଏମିତିକି ଖୋଦ ଜିଲ୍ଲାପାଳ ନିଜ ଆଖିରେ ବିଦ୍ୟାଳୟର ଦୂରାବସ୍ଥା ଦେଖିବା ପରେ ମଧ ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିଛି ବିଦ୍ୟାଳୟ । ଫଳରେ ଭଗବାନଙ୍କ ଭରସାରେ ଦେଶର ଭବିଷ୍ୟତ । ବିପଦ ସଂକୁଳ ସ୍କୁଲ ଗୃହର ବାରଣ୍ଡାରେ ପାଠ ପଢୁଛନ୍ତି ଛାତ୍ର, ଛାତ୍ରୀ । ଏପରି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାର କୁବେରପୁରି କୁହାଯାଉଥିବା ଚମ୍ପୁଆ ଉପଖଣ୍ଡରେ । ଚମ୍ପୁଆ ବ୍ଲକ, ରଜିଆ ପଂଚାୟତ ଅନ୍ତର୍ଗତ କଂଚନପୁର ପ୍ରାଥମିକ ବିଦ୍ୟାଳୟ । ୧୯୬୭ ମସିହାରେ ଗଢି ଉଠିଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା ରହିଥିବାବେଳେ ଶିକ୍ଷାଦାନ ପାଇଁ ରହିଥିବା ୩ଟି ଶ୍ରେଣୀଗୃହ ବିପଦ ସଂକୁଳ ଅବସ୍ଥାରେ ରହିଥିବାରୁ ସାମାନ୍ୟ ବର୍ଷାରେ ପାଣି ଗଳୁଛି । ବିଦ୍ୟାଳୟ କାନ୍ଥ ଚାରିପଟେ ଫାଟି ଆଁ କରିଥିବାବେଳେ ଛାତରୁ ସିମେଂଟ ଛାଡି ରଡ଼ ଦେଖାଯାଉଛି । ଫଳରେ ବାଧହୋଇ ଖରା ହେଉ କି ବର୍ଷା ବାରମାସ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ର, ଛାତ୍ରୀ । ବିଦ୍ୟାଳୟ ଗୁଡିକର ଭିତି ଭୂମି ସଜାଡ଼ିବା ଲକ୍ଷ ନେଇ ରାଜ୍ୟ ସରକାର ୫ଟି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସାରା ଦେଶରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଥିବାବେଳେ ଖଣି ଖାଦାନ ଭରା ଚମ୍ପୁଆ ଉପଖଣ୍ଡର ସଦର ମହକୁମା ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ପାଂଚ କିଲୋମିଟର ଦୂରରେ ଥିବା କଂଚନପୁର ପ୍ରାଥମିକ ବିଦ୍ୟାଳୟ ର ଦୁରାବସ୍ଥା ନିଜ ଆଖିରେ ନ ଦେଖିଲେ ଅନୁଭବ କରିହେବ ନାହିଁ । ଗାଁ ମୁଣ୍ଡରେ ଥିବା ପାହାଡିଆ ଅଂଚଳରେ ଅବସ୍ଥାପିତ ଏହି ବିଦ୍ୟାଳୟ ଏକ ଭୁତ କୋଠି ପରି ପ୍ରତ୍ୟୟମାନ ହେଉଛି । ଗତ ବର୍ଷ କେନ୍ଦୁଝର ଜିଲ୍ଲାପାଳ ଗ୍ରାମକୁ ପରିଦର୍ଶନରେ ଆସି ସ୍କୁଲ ଗୃହର ଦୁରାବସ୍ଥା ନିଜେ ହୃଦୟଙ୍ଗମ କରିଥିଲେ ମଧ ଭଙ୍ଗା ଦଦରା ସ୍କୁଲ ଗୃହ ମରାମତି ଅବା ପୁନଃ ନିର୍ମାଣର ନାମ ଗନ୍ଧ ନାହିଁ । ସ୍କୁଲ ପରିସରରେ ଏକ ବର୍ଷରୁ ଉର୍ଦ୍ଧ ହେଲାଣି ବିଧାୟକ ପାଣ୍ଠିରୁ ନିର୍ମିତ ହେବାକୁ ଥିବା ସ୍କୁଲ ଗୃହ ଫାଉଣ୍ଡେସନ ଗାତରେ ସୀମିତ ଥିବାବେଳେ ଘାସ ଲତାରେ ପରି ପୂର୍ଣ୍ଣ ହେଲାଣି । ସ୍କୁଲ ଗୃହ ଚାରିପଟେ ଫାଟି ଆଁ କରିଥିବାରୁ ସରୀସୃପଙ୍କ ବାସସ୍ଥଳୀ ପାଲଟି ସାରିଛି । ବିଦ୍ୟାଳୟରେ ୭୧ ଜଣ ଛାତ୍ର, ଛାତ୍ରୀ ଅଧୟନ କରୁଥିବାବେଳେ ପାଂଚଟି ଶ୍ରେଣୀ ପାଇଁ ତିନିଟି ଶ୍ରେଣୀ ଗୃହ ରହିଛି, କିନ୍ତୁ ତାହା ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଶିକ୍ଷକମାନେ ପିଲାଙ୍କୁ ବାଧ ହୋଇ ବାରଣ୍ଡାରେ ପାଠ ପଢାଉଛନ୍ତି କ୍ଷ ତେବେ ଯେଉଁ ଉପଖଣ୍ଡର ରାଜସ୍ୱରେ ରାଜ୍ୟ ରାଜକୋଷ ଭରପୁର ହେଉଛି, ଯେଉଁ ଜିଲ୍ଲାର ଖଣିଜ ପାଣ୍ଠିରେ ସାରା ରାଜ୍ୟ ପ୍ରତିପାଳିତ ସେହି ଉପଖଣ୍ଡର ଛାତ୍ର, ଛାତ୍ରୀ ପାଠ ପଢିବା ପାଇଁ ବିଦ୍ୟାଳୟରେ ଶ୍ରେଣୀ ଗୃହ ଖଣ୍ଡେ ନପାଇ ବାରଣ୍ଡାରେ ଖରା ବର୍ଷାରେ ବସି ପାଠପଢିବା ଚମ୍ପୁଆ ବ୍ଲକ ତଥା ଜିଲ୍ଲା ପ୍ରଶାସନର ପାରିବା ପଣିଆଁକୁ ପଦାରେ ପକାଇଛି କ୍ଷ ଗତ ବର୍ଷ ଜିଲ୍ଲାପାଳ ଏହି ଗ୍ରାମର ସ୍ୱୟଂସହାୟିକା ଗୋଷ୍ଠି ଦ୍ୱାରା କରାଯାଇଥିବା ଚାଷ କାର୍ଯ୍ୟ ଦେଖିବାକୁ ଆସିଥିବାବେଳେ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ବିଦ୍ୟାଳୟ ବିଦ୍ୟାଳୟକୁ ବୁଲି ଦେଖି ଯାଇଥିଲେହେଁ ଏଯାଏଁ ବିଦ୍ୟାଳୟର ରୂପରେଖରେ କୌଣସି ପରିବର୍ତନ ନହେବା ଅଭିଭାବକ ମହଲରେ ଅସନ୍ତୋଷକୁ ପୁଞ୍ଜିଭୂତ କରୁଛି । ତେବେ ଏ ସମ୍ପର୍କରେ ରଜିଆ ସରପଂଚ ସନ୍ତୋଷ କୁମାର ନାଏକଙ୍କୁ ପଚାରିବାରୁ ଖୁବଶୀଘ୍ର ସ୍କୁଲ ଗୃହ ନିର୍ମାଣ କରିବୁ ବୋଲି ସଫେଇ ଦେଇଥିବାବେଳେ ପ୍ରକୃତରେ ଚମ୍ପୁଆ ବ୍ଲକରେ ରହିଥିବା ଏହିପରି ଅନେକ ବିଦ୍ୟାଳୟ ଓ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ଭଗବାନଙ୍କ ଭରସାରେ ରହିଛି । ତେଣୁ ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହେଉଛି ।

## ୪୦୯ ଲିଟର ଦେଶି ରନ୍ଧା ମଦ ଜବତ : ୨ ଗିରଫ

ଗଞ୍ଜାମ, ୨୭/୦୭ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ବାଣିଆମାରି ଓ ଲୁଚାପଡ଼ା ଗ୍ରାମ ନିକଟସ୍ଥ ଦୁର୍ଗମ ଜଙ୍ଗଲରେ ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବା ସୂଚନା ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ସେଠାରେ ଅତର୍କିତ ଚଢ଼ଉ କରାଯାଇଥିଲା । ଏଥିରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତ ବାଣିଆମାରି ଗ୍ରାମର ବିପ୍ର ମଲ୍ଲିକ ଓ ପଦ୍ମନ ମଲ୍ଲିକଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୪୦୯ ଲିଟର ଦେଶି ରନ୍ଧା ମଦ ଜବତ କରାଯିବା ସହ ୧୧ ହଜାର ୪୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଥିବା ସୂଚନା ମିଳିଛି । ବ୍ରହ୍ମପୁର ଅବକାରୀ ଅଧିକ୍ଷକ ରମେନ୍ଦ୍ର ନାରାୟଣ ନାୟକଙ୍କ ନେତୃତ୍ୱରେ ଓ କୁକୁଡ଼ାଖଣ୍ଡି ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥଙ୍କ ଉପସ୍ଥିତିରେ ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ଅବକାରୀ ବିଭାଗ ସମେତ ଦିଗପହଣ୍ଡି ପୋଲିସ ମିଳିତ ଭାବେ ଏହି ଚଢ଼ଉରେ ସାମିଲ୍ ହୋଇଥିଲେ ।

# ଆକାଶଙ୍କ ମିଶନ ସବୁଜ କୋରେଇ ଅଭିଯାନରେ ଚାରାରୋପଣ ଓ ଚାରା ବଂଟନ

କୋରେଇ, ୨୭/୦୭ (ନି.ପ୍ର): କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ ଅମୃତିଆ ଗ୍ରାମପଂଚାୟତ ଦହିଦାସପାଟଣା ଛକଠାରୁ ଏକ ବିଶାଳ ମଟରସାଇକେଲ ଶୋଭାଯାତ୍ରାରେ କୋରେଇର ପୂର୍ବତନ ବିଧାୟକ ତଥା ଓଡିଶା ସରକାରଙ୍କର ମୋ କଲେଜ ଅଧକ୍ଷ ଆକାଶ ଦାସନାୟକଙ୍କୁ ଜଳନ୍ଦା ଗ୍ରାମ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଆକାଶ ଦାସନାୟକଙ୍କ "ମିଶନ ସବୁଜ କୋରେଇ"ଅଭିଯାନରେ ବଢେଇଜଳନ୍ଦା ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଇଥିଲା । ଚାରାରୋପଣ କାର୍ଯ୍ୟକ୍ରମ ଶେଷ ପରେ ଜଳନ୍ଦା, ହଟପୁର ଗ୍ରାମରେ ୧୦୦୦ ବୃକ୍ଷ ବଂଟନ କରାଯାଇଥିଲା । ପିଜୁଳି, ଓଉ, ଆମ୍ବ, ପଣସ, ଆତ, ଶାଗୁଆନ, କାଜୁ,ଦେବଦାରୁ, ଆକାଶିଆ ଆଦି ବିଭିନ୍ନ ପ୍ରକାର ଫଳବୃକ୍ଷ ବଣ୍ଟନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶ୍ରୀ ଦାସନାୟକ ପରିବେଶ କହିଲେ ସାଧାରଣତଃ ପ୍ରକୃତି ସହିତ ଜୀବନ ଧାରଣର ମାନଦଣ୍ଡକୁ ବୁଝାଏ । ବିଶ୍ୱନିୟନ୍ତା ଈଶ୍ୱର ସୃଷ୍ଟିର ପ୍ରାରମ୍ଭରୁ ଜୀବନ ଧାରଣ ନିମନ୍ତେ ଅଗ୍ନି, ଜଳ, ବାୟୁ, ମାଟି ଓ ଆଲୋକ ଭଳି ପ୍ରାକୃତିକ ତତ୍ୱ ଗୁଡିକ ନିଃଶୁଳ୍କ ମୂଲ୍ୟରେ ଯୋଗାଇଦେଇଛନ୍ତି। ଯାହାଦ୍ୱାରା ପୃଥିବୀପୃଷ୍ଠରେ ଜୀବଜଗତ ତିଷ୍ଠି ରହିପାରିଛି । ଉକ୍ତ ୫ଟି ଉପାଦାନକୁ ନେଇ ପରିବେଶ ଗଠନ ହୋଇଅଛି । ଈଶ୍ୱର ଜୀବଜଗତ ବଂଚିରହିବା ପାଇଁ ଗଛଲତା, ନଦୀ, ସମୁଦ୍ର ଆଦି ସୃଷ୍ଟି କରିଛନ୍ତି । ଯାହାକି ଜୀବଜଗତକୁ ଜୀବନଧାରଣ ନିମନ୍ତେ ଅମ୍ଳଜାନ, ଔଷଧ, ଖାଦ୍ୟ ଓ ବାସସ୍ଥାନ ଯୋଗାଇଆସିଛି । କିନ୍ତୁ ମନୁଷ୍ୟ ଲୋଭ ଓ ସ୍ୱାର୍ଥସାଧନ ନିମନ୍ତେ ଦିନକୁ ଦିନ ପ୍ରକୃତି ଓ ପରିବେଶ ଉପରେ ଦାଉ ସାଧୁଛି । ନିଜର ସ୍ୱାର୍ଥ ସାଧନ ନିମନ୍ତେ ଅବାଧ ଗଛକଟା ଯୋଗୁ ଦିନକୁ ଦିନ ଗ୍ଲୋବାଲ ୱାର୍ମିଂ ପ୍ରଭାବ ବଢିବଢି ଚାଲିଛି । ଯାହାକି ତାପମାତ୍ରା ବୃଦ୍ଧି ସହିତ ଚର୍ମକର୍କଟ ଭଳି ରୋଗକୁ ସୃଷ୍ଟି କରିଥାଏ । ଆସନ୍ତୁ ସମସ୍ତଙ୍କ ସହଯୋଗରେ ବୃକ୍ଷରୋପଣ କରିବା । କୋରେଇକୁ ସବୁଜସୁନ୍ଦର କରି ଗଢିତୋଳିବା । ଆଗାମୀ ଦିନରେ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଘରେ ଘରେ ଗଛ ପହଂଚାଇବା ପାଇଁ ଶ୍ରୀ ଦାସନାୟକ ପ୍ରୟାସ ଜାରି ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ଦୀନବନ୍ଧୁ ସାହୁ, ପ୍ରତାପ ଖଣ୍ଡାଇ, ରବିନ୍ଦ୍ର ସେନାପତି, ଜଗବନ୍ଧୁ ମହାପାତ୍ର, ରାମଚନ୍ଦ୍ର ମାଝୀ, ପ୍ରଶାନ୍ତ କୁମାର ଦାସ, ଦନାର୍ଦ୍ଦନ ସେନାପତି, ପ୍ୟାରୀମୋହନ ବାରିକ, କାଳନ୍ଦି ମଳିକ, ନିରାକର ପତ୍ରୀ, ଗୁରୀ ମଳିକ, ସୂର୍ଯ୍ୟମଣି ପତ୍ରୀ, ଧୀରେନ୍ଦ୍ର ମଳିକ, କପିଳ ମଳିକ, ଦୀପକ ମଲ୍ଲିକ, କଳାକାର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ସମାନ ନାଗରିକ ସଂହିତା ସମ୍ବନ୍ଧରେ ସାମୁହିକ ଆଲୋଚନା ଚକ୍ର

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବୁଦ୍ଧେଶ୍ୱରୀ ନଗର ପକ୍ଷରୁ ସ୍ଥାନୀୟ ବଡଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମାନ ନାଗରିକ ସଂହିତା ସମ୍ବନ୍ଧରେ ଏକ ସାମୁହିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡିଶାର ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସହଦେବ ସାହୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମାନ ନାଗରିକ ସଂହିତାର ବର୍ତମାନ ସମୟର ଉପଯୋଗୀତା ଉପରେ ଅବତାରାଣା କରି କହିଥିଲେ । ଅନ୍ୟ ଧର୍ମର ମହିଳାମାନେ କିପରି ସେମାନଙ୍କର ନିଷ୍ଠୁର ବ୍ୟକ୍ତିଗତ ଆଇନ କାରଣରୁ ବଂଚିତ ହେଉଛନ୍ତି ସେ ସମ୍ପର୍କରେ ଆଲୋକପାତ କରି ଏହି ଆଇନର କାର୍ଯ୍ୟ କାରିତା ଉପରେ ଦୃଢ ମତ ପୋଷଣ କରି କହିଥିଲେ କି ଆଉ ଅନ୍ୟ ଧର୍ମର ମହିଳାମାନଙ୍କୁ ନିର୍ଯ୍ୟାତିତ ହେବାକୁ ଛାଡି ଦିଆନଯାଉ । ଯଥାଶୀଘ୍ର ସମାନ ନାଗରିକ ସଂହିତାକୁ କାର୍ଯ୍ୟକାରୀ କରିବା ପାଇଁ ଦୃଢ ଦାବି କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ସେ ପୁଣି କହିଥିଲେ ଯେ ସ୍ୱାଧୀନତାର ଅମୃତମହୋତ୍ସବ ସମୟରେ ଆଉ କାଳବିଳମ୍ବ କରିବା ଉଚିତ ନୁହେଁ । ଏହି ଆଲୋଚନା ଚକ୍ରରେ ଓଡିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶ୍ରୀ ସର୍ବେଶ୍ୱର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାନ ନାଗରିକ ସଂହିତାର ଆବଶ୍ୟକତା ଉପରେ ଆଲୋଚନା କରିବା ସହିତ ଅତୀତରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ସମାନ ନାଗରିକ ସଂହିତାର କାର୍ଯ୍ୟକାରିତା ସମ୍ବନ୍ଧୀୟ ପ୍ରଦତ ବିଭିନ୍ନ ଐତିହାସିକ ରାୟ ଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କିପରି ଭାବରେ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ପ୍ରଦତରାୟକୁ ବିଗତ ଦିନରେ ସେ ସବୁକୁ ଦଳିମକଚି ଅନ୍ୟ ଧର୍ମର ନାରୀମାନଙ୍କ ସମ୍ମାନ ଏବଂ ଅଧିକାରକୁ କ୍ଷୁର୍ଣ୍ଣ କରିଦେଇଛନ୍ତି ସେ ବିଷୟରେ ବିସବିଶେଷ ଆଲୋଚନା କରିଥିଲେ । ଏହି ଆଲୋଚନା ଚକ୍ରରେ ନଗର ସଂଘଚାଳକ ଶ୍ରୀ ଅକ୍ଷୟ କୁମାର ବିଟ ସଭାପତିତ୍ୱ କରି ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ । ଭୁବନେଶ୍ୱର ସହରର ବିଭିନ୍ନ ବୁଦ୍ଧିଜୀବୀ, ଆଇନଜୀବୀମାନେ ଆଲୋଚନା ଚକ୍ରରେ ଉପସ୍ଥିତ ରହି ପ୍ରଶ୍ନୋତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସମସ୍ତ ପ୍ରଶ୍ନର ଉତର ଗୁଡିକ ମୁଖ୍ୟ ମୁଖ୍ୟ ଅତିଥି ଶ୍ରୀ ସାହୁ ଏବଂ ମୁଖବକ୍ତା ଶ୍ରୀ ବେହେରା ରଖିଥିଲେ ।

# କେନ୍ଦୁଝରର ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିଲା ଏନ୍‌କ୍ୟୁଏଏସ ସାର୍ଟିଫିକେଟ

କେନ୍ଦୁଝର, ୨୭/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାର ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏନ୍‌କ୍ୟୁଏଏସ ତଥା କ୍ୱାଲିଟି ସାର୍ଟିଫିକେସନ ପାଇବାର ଯୋଗ୍ୟତା ହାସଲ କରିଛନ୍ତି । ଜିଲ୍ଲାର ଏହି ତିନୋଟି ପ୍ରାଥମିକ କେନ୍ଦ୍ର ମଧରେ ରହିଛ ଘଟଗାଁ ବ୍ଲକର ପଣ୍ଡାପଡା, ହରିଚନ୍ଦନପୁର ବ୍ଲକର ଜଙ୍ଘିରା ଓ ଚମ୍ପୁଆ ବ୍ଲକର ଭୁୟିଁପୁର ପି.ଏଚ.ସି. । ଏ ସଂପର୍କରେ ନିକଟରେ କେନ୍ଦୁଝର ଗସ୍ତରେ ଆସିଥିବା କେନ୍ଦ୍ରିୟ ଟିମ ଦ୍ୱାରା ଏହି ସର୍ଭେ କରାଯିବା ପରେ ଏହି ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସାର୍ଟିଫିକେଟ ମିଳିଛି । କେନ୍ଦୁଝର ଜିଲ୍ଲାର ତିନୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଭାରତ ସରକାରଙ୍କ ସ୍ୱାସ୍ଥ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଉନ୍ନତମିନର ସ୍ୱାସ୍ଥ ଭିତି ଭୂମି ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଣ ସେବା ଯୋଗାଣ ସକାଶେ ଏନକ୍ୟୁଏଏସ୍ ( ନ୍ୟାସନାଲ କ୍ୱାଲିଟ ଆସୁରାନ୍ସ ଷ୍ଟା ଣ୍ଡାର୍ଟ ) ପୋଗ୍ରାମ ଅନ୍ତର୍ଗତ କ୍ୱାଲିଟ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଗତ ୨୩ ଜୁନ ରୁ ୨୮ ଜୁନ ମଧରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରୁ ଏକ ଉଚ୍ଚ ସ୍ତରୀୟ ଟିମ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ଏହି ସବୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ( ଡିଏମ୍‌ଏଫ ) ର ସହାୟତାରେ ଏହି ସବୁ ପ୍ରାଥମିକ ସ୍ୱାସ୍ଥ କେନ୍ଦ୍ର ର ଉନ୍ନତ ମାନର ଭିତିଭୁମି ଦେଖି କେନ୍ଦ୍ରୀୟ ଟିମ୍ ଅଭିଭୁତ ହେବା ସହ ରୋଗୀଙ୍କୁ ମିଳୁଥିବା ଗଣାତ୍ମକ ସ୍ୱାସ୍ଥ୍ୟ ସେବା କୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ସମସ୍ତ ବ୍ୟବସ୍ଥା ଦେଖି ସାରିବା ପରେ କେନ୍ଦ୍ରୀୟ ଟିମ ତିନୋଟି ପି.ଏଚ. ସି. କୁ ପ୍ରାବଧାନ ଆଧାରରେ ସ୍କୋର ପ୍ରଦାନ କରିଛନ୍ତି । ଏହି ଆଧାରରେ ପମ୍‌ଡାପଡା ପି.ଏଚ.ସି କୁ ୯୦.୨୪ ପ୍ରତିଶତ ସ୍କୋର , ମିଳିଥିବା ବେଳେ ଜଙ୍ଘିରା ଓ ଭୁଇଁପୁର ପି. ଏଚ. ଏସ. କୁ ଯଥାକ୍ରମେ ୮୯.୦୬ ଏବଂ ୮୫. ୪୩ ପ୍ରତିଶତ ସ୍କୋର ମିଳିଛି ।

# ବିଜେପିରେ ଗୋଷ୍ଠୀ କନ୍ଦଳ : ଅନନ୍ତ ଦାଶ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

ବଲାଙ୍ଗୀର, ୨୭/୦୭ (ନି.ପ୍ର): ବଲାଙ୍ଗୀର ବିଜେପିରେ ଗୋଷ୍ଠୀ କନ୍ଦଳ ଚରମ ସୀମାରେ ପହଂଚିଛି । ଏଠାରେ ଦଳ ମଜବୁତ୍ ହେବା ବଦଳରେ ଦଳୀୟ ବିବାଦ ଦଳକୁ ବିପଥଗାମୀ କରୁଥିବା ଅନୁମିତ ହୋଇଛି । ଗତ ୨୩ ତାରିଖରେ ଦଳୀୟ ନେତାଙ୍କୁ ଅବଜ୍ଞା କରି ଗତ ଥରର ବଲାଙ୍ଗୀର ବିଧାୟକ ପ୍ରାର୍ଥୀ ଅନନ୍ତ ଦାସ କିଛି ଲୋକଙ୍କୁ ମଂଚରେ ବସାଇ ସଂଯୁକ୍ତ ମୋର୍ଚ୍ଚା ବୈଠକ କରିଥିଲେ । ତେଣୁ ସେ ଦଳୀୟ ଶୃଙ୍ଖଳା ଭଙ୍ଗ କରିଛନ୍ତି । ଏଥିପାଇଁ ଗତକାଲି ବଲାଙ୍ଗିର ଠାରେ ବସିଥିବା କାର୍ଯ୍ୟକାରିଣୀ ବୈଠକରେ ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ଅନନ୍ତ ଦାସଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସଭାପତିଙ୍କ ପାଖକୁ ସୁପାରିଶ କରାଯାଇଥିବା ଓ ଅନନ୍ତଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ଭାଜପା ପକ୍ଷରୁ ସୂଚନା ଦିଆଯାଇଛି । ଆଜି ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ଭାଜପା ଜିଲ୍ଲା ସଭାପତି ଶୀବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ରାକେଶ ମିଶ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ପଙ୍କଜୀନୀ ପଣ୍ଡା, ଗୋପାଳଜୀ ପାଣିଗ୍ରାହୀ, ମୁକେଶ କୁମାର ଜୈନ, ଅମିତ ସିଂନିନା, ଦୀନେଶ ଶର୍ମା ପ୍ରମୁଖ ମଂଚାସୀନ ଥିଲେ । ଦଳ ପକ୍ଷରୁ କୁହାଯାଇଛି ଯେ, ବଳରାମ ସିଂ ଯାଦବ ନାମକ ବ୍ୟକ୍ତି ଭାଜପା ଦଳରେ କୌଣସି ପ୍ରାଥମିକ ସଦସ୍ୟ ନାହାନ୍ତି । ତେଣୁ ଦଳୀୟ ନିୟମ ଅନୁଯାୟୀ ତାଙ୍କୁ ଡକାଯାଇ ଦଳୀୟ ବୈଠକରେ ମୁଖ୍ୟଅତିଥି କରାଯିବା ତଥା ଦଳୀୟ ବ୍ୟାନରରେ ତାଙ୍କୁ ଜଣେ ବରିଷ୍ଠ ନେତା ଭାବରେ ପ୍ରୋଜେକ୍ଟ କରାଯିବା ସଂପୂର୍ଣ୍ଣ ଭାବରେ ବେଆଇନ । ସେହିପରି ବଳରାମ ସିଂ ଯାଦବ, ଯିଏକି ବାହାର ରାଜ୍ୟର ଜଣେ ବିଭିନ୍ନ ମାମଲାର ଅଭିଯୁକ୍ତ ବ୍ୟକ୍ତି, ସେ ଦଳର କୌଣସି ପଦପଦବୀରେ ନଥାଇ ଭାଜପା ପତାକା ଲଗାଇ କାର୍ଯ୍ୟକ୍ରମ କରିବା, ଗାଡିରେ ପତାକା ବ୍ୟବହାର କରୁଥିବାରୁ ଗଣମାଧମ ଜରିଆରେ ଏହାକୁ ବାରଣ କରାଯାଉଛି ବୋଲି ବଲାଙ୍ଗିର ବିଜେପି ପକ୍ଷରୁ କୁହାଯାଇଥିବା ବେଳେ ବାରଣକୁ ଅମାନ୍ୟ କଲେ ଆଗକୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ସଭାପତି ଶୀବାଜୀ ମହାନ୍ତି କହିଛନ୍ତି ।


# ହାଇସ୍କୁଲ ରୁପାନ୍ତରୀକରଣ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୨୭/୦୭ (ନି.ପ୍ର): ହାଇସ୍କୁଲ ରୁପାନ୍ତରୀକରଣ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକର ନେଡାଲ ଉଚ୍ଚ ବିଦ୍ୟାଳୟ ପାତ୍ରପୁଟ, ମଜୁରାଗୁଡା ଉଚ୍ଚ ବିଦ୍ୟାଳୟ, ପଂଚାୟତ ଉଚ୍ଚ ବିଦ୍ୟାଳୟ ଜାମୁଣ୍ଡା, ହାଟକଙ୍ଗା ଉଚ୍ଚ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଜାଗାରେ ନୂତନ କୋଠା ନିର୍ମାଣ କରିବା ସହ ପୁରୁଣା କୋଠାକୁ ନବିକରଣ କରିବା ସହ ଉନ୍ନତ ଧରଣର ଖେଳ ପଡିଆ, ଓପନ ଅଡିଟରିୟମ, ସ୍ମାର୍ଟ କ୍ଲାସ ରୁମ, ଡାଇନିଙ୍ଗ ହଲ କିଚେନ, ବିଜ୍ଞାନ ପାର୍କ, ଲାବରୋଟାରି ଆଦି କରିବାକୁ ପରାମର୍ଶ ଦେଇଥିଲେ । କ୍ୱାଲିଟି ଓ କ୍ୱାଂଟିଟି ଉପରେ ଗୁରୁତ୍ୱ ଦେବାକୁ ବିଧାୟକ ବାହିନିପତି ନିର୍ଦ୍ଦେଷ ଦେଇଥିଲେ । ଏହି ବୈଠକରେ ବ୍ଲକ ଅଧକ୍ଷା ତିଳୋତମା ମୁଦୁଲି, ବିଡିଓ ରାଜୀବ ଦାସ, ତହସିଲଦାର ସାଗରିକା ଷଡଙ୍ଗି, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିଲା ପରିଷଦ ସଭ୍ୟ, ପ୍ରଧାନ ଶିକ୍ଷୟତ୍ରୀଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି, ପରୁଣା ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମଣିପୁର ଲୋକହର୍ଷଣକାରୀ ଅମାନବୀୟ ଗଣଧର୍ଷଣ ଘଟଣାକୁ ଓଡ଼ିଶା ମହିଳା କଂଗ୍ରେସର ପ୍ରତିବାଦ


ଭୁବନେଶ୍ୱର, ୨୭/୦୭ (ନି.ପ୍ର): ସାରା ଭାରତ ବର୍ଷରେ ବିଶ୍ୱରେ ମଣିପୁରର ଘଟଣାକୁ ନେଇ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି । ଗତ ମଇ ୩ ତାରିଖ ଦିନ ମଣିପୁର ୩ ଜଣ କୁକୀ ସଂପ୍ରଦାୟ ଆଦିବାସୀ ମହିଳାଙ୍କୁ ମୈତେଇ ସଂପ୍ରଦାୟର ଲୋକମାନେ ପୁଲିସ ହେପାଜତରୁ ଛଡ଼ାଇ ନେଇ ତାଙ୍କୁ ସଂପୂର୍ଣ୍ଣ ଉଲଗ୍ନ କରି ହଜାର ହଜାର ଲୋକଙ୍କ ସମ୍ମୁଖରେ ଚଲାଇ ଚଲାଇ ନେଲେ ଏବଂ ତାଙ୍କ ପରିବାରବର୍ଗ ପ୍ରତିବାଦ କରିବାକୁ ତାଙ୍କୁ ଜୀବନ୍ତ ମାରିଦେବା ସହିତ ଏହି ୩ ଜଣଙ୍କୁ ମଧ ଗଣଦୁର୍ଷମ କଲାଗଲା । ଏହି ଘଟଣାକୁ ନେଇ ପୁଲିସ ଷ୍ଟେସନରେ କେସ୍ କଂପ୍ଲେନ୍ ରେଜିଷ୍ଟ୍ରେସନ କରଗଲା କିନ୍ତୁ ଅତ୍ୟନ୍ତ ଦୁଃଖ ଓ ବିଡ଼ମ୍ବନା କଥା ଏହି ଘଟଣାକୁ ଜୁନ୍ ୧୯ ତାରିଖ ପର୍ଯ୍ୟନ୍ତ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜାଣିଶୁଣି ଚାପି ରଖିଥିଲେ । ପ୍ରଧାନମନ୍ତ୍ରୀ ଦୀର୍ଘ ୮୩ ଦିନ ପର୍ଯ୍ୟନ୍ତ ଏ ଘଟଣା ବାବଦରେ ପଦୁଟିଏ ବି ମୁହଁ ଖୋଲୁ ନାହାନ୍ତି ଏପରିକି ବି ୫ ଦିନ ସଂସଦ ଚାଲିଲେ ମଧ ଏବଂ ସମସ୍ତ ବିରୋଧି ଦଳଙ୍କ ଦାବି ସତ୍ୱେ ପ୍ରଧାନମନ୍ତ୍ରୀ ସଂସଦକୁ ଆସୁନାହାନ୍ତି କି ଉତର ରଖୁନାହାନ୍ତି । ଏ ଶତାବ୍ଦିର ସବୁଠାରୁ କଳଙ୍କିତ, ଅମାନବୀୟ ଓ ଲୋମହର୍ଷଣକାରୀ ଘଟଣାକୁ ପ୍ରତିବାଦ କରି ଆଜି ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ଶ୍ରୀମତୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶହ ଶହ ମହିଳା କଂଗ୍ରେସ କର୍ମୀ କେନ୍ଦ୍ର ସରକାର ଏବଂ ମଣିପୁର ସରକାର ବିରୋଧରେ ଖୁବ୍ ବର୍ଷିଥିଲେ । ମଣିପୁର ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନଜାରି ହେଉ ବୋଲି ଦାବି କରିଥିଲେ । କିଏ କାହିଁକି ଓ କେଉଁମାନେ ଏ ଘଟଣାକୁ ଚାପି ରଖିଥିଲେ । ଏ ସମସ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ନରେନ୍ଦ୍ର ମୋଦୀ ସରକାର ବେଟି ପଢ଼ାଓ ଓ ବେଟୀ ବଚାଓ ନାରା ଦେଉଥିଲାବେଳେ ତାଙ୍କ ଦଳର ଅଧିକାଂଶ ମନ୍ତ୍ରୀ, ନେତା ଓ ମହିଳା ଦୁର୍ଷମରେ ଅଭିଯୁକ୍ତ । ଏପରିକି ଏ ଅଳ୍ପ କିଛିଦିନ ତଳେ ମହିଳା କୁସ୍ତି ଯୋଦ୍ଧାଙ୍କ ଘଟଣାରେ ସଂପୃକ୍ତ ସାଂସଦ ବ୍ରିଜଭୂଷଣଙ୍କୁ ମଧ ମୋଦୀ ସରକାର ସୁରକ୍ଷା ଦେଇଥିଲେ । ଆଜି ସାରା ଭାରତ ବର୍ଷରେ ମହିଳା ମୋଦୀ ସରକାର ସମୟରେ ସଂପୂର୍ଣ୍ଣ ଅସୁରକ୍ଷିତ । ରାଜ୍ୟରେ ବିଜୁ ଜନତା ଦଳ ସରକାର ଦିନରାତି ମହିଳା ସଶକ୍ତିକରଣ କହୁଥିଲାବେଳେ ମଣିପୁର ଘଟଣାରେ ସଂପୂର୍ଣ୍ଣ ଚୁପ୍ ବୋଲି ସଭାନେତ୍ରୀ ଶ୍ରୀମତୀ ପରିଡ଼ା ପ୍ରଶ୍ନ କରିଛନ୍ତି । ଗାଇକୁ ଗୋମାତା କହୁଥିଲାବେଳେ ପ୍ରକୃତ ମା ମାନଙ୍କୁ ଉଲଗ୍ନ କରି ରାଜରାସ୍ତାରେ ଚଲାଇବା ବିଜେପି ଏବଂ ଆରଏସ୍ଏସ୍‌ର ଧର୍ମ କି ବୋଲି ସେ ପ୍ରଶ୍ନ କରିଥିଲେ ? ଏହି ଅବସରରେ ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମୀତ ଶାହା, କେନ୍ଦ୍ର ମନ୍ତ୍ରୀ ସ୍ମୃତିଇରାନୀ ଓ ମଣିପୁର ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ବିଶ୍ୱଜିତ୍ ଦାସ, ୟାସିର ନୱାଜ ସମେତ ପ୍ରତିମା ମଲ୍ଲିକ, ଗୀତାଞ୍ଜଳି ମହାନ୍ତି, ମମତା ମଞ୍ଜରୀ ଦେବୀ, ଚୈତାଳୀ ପଟ୍ଟନାୟକ, ଜାନକୀ ମଲ୍ଲିକ, ଆରତୀ ଦେଓ, ବିଶ୍ୱକଲ୍ୟାଣି କର, ସିଲି ସେଠୀ, ଶିଳ୍ପି ହରିଚନ୍ଦନ, ସୁତେପା ମିତ୍ର, ପ୍ରତିମା ଜେନା, ସବିତା ଚାନ୍ଦ, ସ୍ମିତାରାଣୀ ସାମଲ, ସମସିଦା ତାଏବ, କଳ୍ପନା ପଣ୍ଡା, ସରୋଜିନୀ ବାକ୍ରା, ବନଜା ପଣ୍ଡା ଓ ଉଲ୍ଲାସ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ବାଇପାସ୍ ସର୍ଜରୀ



ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ହାର୍ଟ ବା ହୃତପିଣ୍ଡ। ଯେତେବେଳେ ହୃତପିଣ୍ଡ ଭିତରେ ଥିବା ଧମନୀ ଆଂଶିକ ବା ସମ୍ପୂର୍ଣ୍ଣ ବନ୍ଦ ହୋଇଥାଏ ସେତେବେଳେ ଅନ୍ୟ ସ୍ଥାନରୁ ଏକ ସୁସ୍ଥ ଧମନୀ ଆଣି ଆକ୍ରାନ୍ତ ହୋଇଥିବା ଧମନୀରେ ଯୋଡ଼ାଯାଇ ଏକ ଉପମାର୍ଗ ବା ବାଇପାସ ତିଆରି କରାଯାଏ। ଏହି ସର୍ଜରୀ ଦ୍ୱାରା ହୃତପିଣ୍ଡକୁ ଆବଶ୍ୟକ ହେଉଥିବା ରକ୍ତ ଏବଂ ଅମ୍ଳଜାନ ଠିକ୍ ଭାବରେ ମିଳିଥାଏ ଏବଂ ହୃତପିଣ୍ଡ ପୂର୍ବ ଭଳି ସୁସ୍ଥ ଓ ନିରୋଗ ଭାବରେକାମ କରିଥାଏ। ଏହି ସର୍ଜରୀକୁ ଡାକ୍ତରୀ ଭାଷାରେ କୁହାଯାଏ କରୋନାରୀ ଆର୍ଟି ବାଇପାସ୍ ସର୍ଜରୀ ବା (ସିଏବିଜି) ହୃତପିଣ୍ଡ ଭିତରେ କରାଯାଉଥିବା ଏହା ଏକ ସାଧାରଣ ଅପରେସନ୍।

**ପ୍ରଣାଳୀ ଏବଂ ଉପକାରିତା:** ଆଜିକାଲି ପ୍ରାୟତଃ ବାଇପାସ୍ ସର୍ଜରୀ ହୃଦ୍‌ସ୍ପନ୍ଦନ କରୁଥିବା ଅବସ୍ଥାରେ ହୋଇଥାଏ। ଏହାକୁ off pump Beathing Heart Surgery କୁହାଯାଏ। ପୂର୍ବରୁ ଏହି ଅସ୍ତ୍ରୋପଚାର ପାଇଁ Hearet Lury ମେସିନର ଆବଶ୍ୟକତା ପଡୁଥିଲା। ଯାହା ଦ୍ୱାରା ହୃଦସ୍ପନ୍ଦନକୁ ବନ୍ଦ କରି ଅସ୍ତ୍ରୋପଚାର କରାଯାଏ ଏବଂ ଚଦ୍ଧଚ୍ଚକ୍ତଦ୍ଧ ସର୍ଜରୀ ପରେ ହୃଦସ୍ପନ୍ଦନ ପୁନର୍ବାର ଫେରିଆସେ।




ଅଧିକାଂଶ ମେଡ଼ିକାଲରେ ଏହି ବାଇପାସ ସର୍ଜରୀ ପାଇଁ ଛାତିରୁ ଗୋଟିଏ ଧମନୀ Left Internal Mammary Artery ଏବଂ ଗୋଡ଼ରୁ ସାଗେନସ ଭେନ୍ (Saphenour Vei) ନେଇ ବାଇପାସ କରାଯାଏ।। ସାଧାରଣତଃ ବାଇପାସ ସର୍ଜରୀରେ Left Internalk Mammary କୁ ହୃଦୟର ମୁଖ୍ୟ ଧମନୀ Left Anterior Descending Artery କୁ ଯୋଡ଼ାଯାଇଥାଏ ଏବଂ Saphenous Veinn ଗୋଟିଏ ପେଟ Aorta ରେ ଏବଂ ଅନ୍ୟ ପଟ ହୃଦୟର ଅନ୍ୟ ଧମନୀକୁ ଯୋଡ଼ାଯାଇଥାଏ।

କେୟାର ହସପିଟାଲରେ ଏହି ବାଇପାସ୍ ସର୍ଜରୀ କେବଳ ଛାତିରୁ ଧମନୀ Left and Rightt UIntermnan Mammary Artery ଦେଇ କରିଥାଏ। ଏଥିରେ ରୋଗୀର ଗୋଡ଼ କିମ୍ବା ହାତରୁ ଗ୍ରାଫ ନେବା ଆବଶ୍ୟକ ନଥାଏ। ଏହା ଦ୍ୱାରା ରୋଗୀର ଛାତିରେ ଅପରେସନ ଚିହ୍ନ ରହେ, କିନ୍ତୁ ହାତ ଏବଂ ଗୋଡ଼ ଅକ୍ଷତ ରହେ। ଏହାକୁ Total Artery Off-pump Beating hreart bypass surgery କୁହାଯାଏ। କେତେକ କ୍ଷେତ୍ରରେ ମେଦବହୁଳତା ରୋଗୀ, ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, କିଡନୀ ଏବଂ ଫୁସଫୁସ ରୋଗୀଙ୍କର ଛାତିରୁ ଲେଫ୍ଟ ଇଂଟରନାଲ ମାମାରି ଆର୍ଟେରୀ (Left Internal Mammat Artery) ଏବଂ ହାତରୁ ରେଡ଼ିଆଲ ଆର୍ଟେରୀ ଦେଇ ପାଇବାସ ସର୍ଜରୀ କରାଯାଏ। ଏହି ଅପରେସନ କରିବା ପାଇଁ ୪ ରୁ ୬ ଘଂଟା ସମୟ ଲାଗେ।

ବାଇପାସ୍ ଗ୍ରାଫ୍‌ଟ ଅଧଧିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହେ। ଏହି ଅପରେସନ୍‌ରେ ହୃର୍ଦରୁ ଶରୀରକୁ ରକ୍ତ ଯୋଗାଉଥିବା ବଡ଼ ଧମନୀକୁ ସ୍ପର୍ଶ କରାଯାଏ ନାହିଁ। ଯାହାଦ୍ୱାରା ଅପରେସନ୍ ପରେ ମସ୍ତିଷ୍କ ଓ ସ୍ନାୟୁ ରୋଗ ସମସ୍ୟା ଯେପରିକି ପକ୍ଷାଘାତ ଇତ୍ୟାଦି ହୁଏନାହିଁ।

- ଅପରେସନ୍ ପରେ ରୋଗୀଙ୍କୁ କିଛି ଦିନ ପାଇଁ ଆଇ.ସି.ୟୁରେ ରଖାଯାଇ ଚିକିତ୍ସା କରାଯାଏ ଏବଂ ସୁସ୍ଥ ହେବାପରେ ତାଙ୍କୁ ଜେନେରାଲ ୱାର୍ଡ଼କୁ ସ୍ଥାନାନ୍ତର କରାଯାଏ। ସାଧାରଣତଃ ଅପରେସନ୍ କରିବାରେ ଷଷ୍ଠ କିମ୍ବା ସପ୍ତମ ଦିନରେ ରୋଗୀ ଘରକୁ ଫେରିଥାନ୍ତି।

ସାବଧାନତା- ବାଇପାସ ସର୍ଜରୀ କରିଥିବା ରୋଗୀମାନେ ଅପରେସନ୍ ପରେ ନିୟମିତ ଫିଜିଓଥେରାପି, ନିୟମିତ ଔଷଧ ସେବନ, ୨ମାସ ଗାଡ଼ି ଚଳେଇବା, ଭାରି ଜିନିଷ ଚଳେଇବା, ଭାରି ଜିନିଷ ନଉଠାଇବ, ତଳକୁ ନ ନଇଁବା, ନିୟମିତ ଚାଲିବା ଏବଂ ଛାତିରେ ବେଲ୍ଟ ପିନ୍ଧିବା ଜରୁରୀ ଅଟେ। ତେଣୁ ସବୁଠୁ ବଡ଼କଥା ହେଉଛି, ବାଇପାସ ସର୍ଜରୀକୁ ସବୁ ସ୍ଥାନରେ ନକରାଇ ନିୟମିତ ଏହି ସର୍ଜରୀ କରୁଥିବା ଅଭିଜ୍ଞ ସର୍ଜନଙ୍କ ପାଖରେ କରାନ୍ତୁ।

# ବର୍ଷାଦିନେ ମାଛ ଖିଆ



ମାଛ ତରକାରୀ ସମସ୍ତଙ୍କର ଭାରି ପ୍ରିୟ। ଭାତ ସହ ମାଛ ତରକାରୀ ହୋଇଗଲେ ଜମିଯାଏ ଖାଇବା। ମାଛକୁ ପୁଷ୍ଟିସାର ମିଳିଥାଏ। ଡାକ୍ତର ମଧ୍ୟ ମାଛ ଖାଇବାକୁ ଆମକୁ ପରାମର୍ଶ ଦେଇଥାନ୍ତି। ଆମିଷ ପ୍ରିୟ ଲୋକମାନେ ମାଛ ଖାଇବାରେ କୌଣସି ଋତୁ ଓ ମାସ ମିଳି ନଥାନ୍ତି। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ, ବର୍ଷା ଋତୁରେ ମାଛ ଖାଇଲେ ଆମ ଶରୀର ପାଇଁ କ୍ଷତିକାରକ ବୋଲି ଖାଦ୍ୟ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି। ତାହାହେଲେ ଆସନ୍ତୁ ଜାଣିବା ବର୍ଷାଦିନରେ ମାଛ ଖାଇଲେ କ'ଣ କ୍ଷତି ହୋଇଥାଏ। ବର୍ଷା ଦିନରେ ପୋଖରୀ ଓ ନଦୀର ପାଣି ଦୂଷିତ ହୋଇଯାଇଥାଏ। ଏହି ଦୂଷିତ ପାଣିରେ ମାଛ ରହିଥାନ୍ତି। ତେଣୁ ଏହି ଋତୁରେ ମାଛ ଖାଇଲେ ଫୁଡ଼୍ ପଏଜନ ହେବାର ଆଶଙ୍କା ଥାଏ। ବର୍ଷା ଦିନରେ ମାଛମାନେ ଅଣ୍ଡା ଦିଅନ୍ତି। ଏହି ସମୟରେ ମାଛ ଖାଇଲେ ଆମ ପେଟରେ ଇନଫେକ୍ସନ ହୋଇଥାଏ। ଆମ ଶରୀର ପାଇଁ କ୍ଷତିକାରକ ମଧ୍ୟ ହୋଇଥାଏ। ତା'ଛଡ଼ା ମାଛ ବଂଶ ବୃଦ୍ଧିରେ ମଧ୍ୟ ବାଧା ସୃଷ୍ଟି ହୋଇଥାଏ। ବର୍ଷାଦିନରେ ମାଛକୁ ଷ୍ଟୋରରେ ଅଧିକ ଦିନ ରଖାଯାଇଥାଏ। ପରିବର୍ତ୍ତିତ ପାଗରେ ଏହା ଶୀଘ୍ର ଖରାପ ହୋଇନଥାଏ। ମାଛକୁ ଅଧିକ ଦିନ ଷ୍ଟୋରରେ ରଖିବା ପାଇଁ ସଲଫେଟ ଓ ପୋଲିଫସଫେଟ ପ୍ରୟୋଗ କରାଯାଇଥାଏ। ଏହି ମାଛକୁ ଖାଇଲେ ଶ୍ୱାସ ଓ ହୃଦରୋଗ ହୋଇପାରେ। ଷ୍ଟୋରରେ ଥିବା ମାଛ ବର୍ଷାଦିନେ ବଜାରରେ ଅଧିକ ବିକ୍ରି କରାଯାଏ। ଏହାକୁ ଖାଇଲେ କୌଣସି ଭିଟାମିନ ମିଳି ନଥାଏ।

# ମସ୍ତିଷ୍କର ଶକ୍ତି ବଢ଼ାଏ ମାଗ୍ନେସିଅମ୍

ମସ୍ତିଷ୍କ ପାଇଁ ମାଗ୍ନେସିଅମ ଏକ ଉପକାରୀ ଖଣିଜ। ଏହା ମସ୍ତିଷ୍କର ଶକ୍ତି ଓ ପ୍ରଜ୍ଞା ବୃଦ୍ଧିକାରୀ। ତାଜା ଫଳ, ସବୁଜ ପନିପରିବା, ଗହମ, ଗଜା ଓ ମଞ୍ଜି ଖାଦ୍ୟ, କ୍ଷୀରଜାତୀୟ ଖାଦ୍ୟ, ଅଣ୍ଡା, ମାଛ, କଖାରୁ ମଂଜିରେ ଏହି ଉପାଦାନ ଭରପୁର। ଏସବୁ ଖାଦ୍ୟ ଖାଇବା ଦ୍ୱାରା ବୟସଗତ ରୋଗ ଓ ସ୍ମରଣ ଶକ୍ତି କ୍ଷୟ ସମସ୍ୟା ବିଳମ୍ବ ହୁଏ। ମସ୍ତିଷ୍କକୁ ରକ୍ତ ପ୍ରବାହର ତୀବ୍ରତା ବଢ଼େ। ସ୍ନାୟୁ ଦୁର୍ବଳତା ହ୍ରାସ ପାଏ। ଚାପ ବ୍ୟଗ୍ରତା, ଅବସାଦ ଦୂରହୁଏ। ଏହାଦ୍ୱାରା କୋଷଗୁଡ଼ିକ ସକ୍ରିୟ ରହେ। ଅଲଜିମର୍ସ, ପାକିୟନସନ ରୋଗୀମାନଙ୍କ ପାଇଁ ମାଗ୍ନେସିଅମ ଖନିଜ ଅତି ଉପକାରୀ। ଏ ସବୁର ଅଭାବ ଦ୍ୱାରା ମସ୍ତିଷ୍କ ଠିକ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୁଏନାହିଁ। ବିଚାର, ସିଦ୍ଧାନ୍ତ କିମ୍ବା ତର୍କ ଶକ୍ତି କମିଯାଏ। ସ୍ମରଣ ଶକ୍ତି ଦୁର୍ବଳ ଥିଲେ ମାଗ୍ନେସିଅମ ଯୁକ୍ତ ଖାଦ୍ୟ ଖାଆନ୍ତୁ।

# ସମୁଦ୍ର ଗର୍ଭରେ ୱାଇନ୍ !






କାନାଡିଆନ୍ ପପ୍ ସେନ୍ସେସନ ତଥା ଗ୍ରାମୀ ପୁରସ୍କାର ବିଜେତା ଜଷ୍ଟିନ ବିବରଙ୍କ ସଂପର୍କରେ ହେବ ମିଡ଼ିଆ ଠାରୁ ଆରମ୍ଭ କରି ବିଶ୍ୱର ୱାଇନପ୍ରେମୀଙ୍କ ସଂଖ୍ୟା କିଛି କମ୍ ନୁହେଁ। ତେଣୁ, ଏହାର ସ୍ୱାଦ ବଢ଼ାଇବା ପାଇଁ ଗବେଷଣା ସଦା-ସର୍ବଦା ଚାଲିଛି। କିଛି ବର୍ଷ ତଳେ ସମୁଦ୍ର ଗର୍ଭରୁ କିଛି ବୋତଲ ୱାଇନ ଉଦ୍ଧାର କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ଗୋଟିଏ ଜଳଜାହାଜ ବୁଡ଼ିବାରୁ ୱାଇନ୍ ବୋତଲତକ ଜଳସମାଧି ପାଇଥିଲା। ଉଦ୍ଧାର ହେବା ପରେ ବିଶେଷଜ୍ଞମାନେ ସ୍ୱାଦ ଚାଖି, ଚକିତ ହୋଇଥିଲେ। ଆଉ ଉକ୍ତ ଘଟଣା ପୁଣି ଏକ ଗବେଷଣା ଲାଗି ପ୍ରୋତ୍ସାହିତ କରିଥିଲା। ଫ୍ରାନ୍ସର ଦଳେ ୱାଇନ୍ ବିଶେଷଜ୍ଞ ଆଟଲାଂଟିକ ମହାସାଗରରେ କୌଣସି ଅଜ୍ଞାତ ସ୍ଥାନରେ ସମୁଦ୍ର ଗର୍ଭରେ ଶହେ କୋଡ଼ିଏ ବୋତଲ ୱାଇନ ଲୁଚାଇରଖିଛନ୍ତି। କିଛିବର୍ଷ ପରେ ସେଗୁଡ଼ିକୁ ବାହାର କରାଯାଇ ସ୍ୱାଦ ପରୀକ୍ଷା ହେବ। ଚଖାଳିମାନେ ସନ୍ତୁଷ୍ଟ ହେଲେ ଭବିଷ୍ୟତରେ ସମୁଦ୍ର ଗର୍ଭରେ ୱାଇନ ଭାଟି ଖୋଲାଯିବ।

# ନିଖୋଜ ଶିଶୁଙ୍କ ଉଦ୍ଧାରକର୍ତ୍ତା

ମୁମ୍ବାଇର ସାମାଜିକ କର୍ମୀ ବିଜୟ ଯାଦବ ଗଲା ତେରବର୍ଷ ହେଲା ନିଖୋଜ ଶିଶୁ ଠାବ ଓ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ବିଜୟଙ୍କ ଦ୍ୱାରା ଦଶ ହଜାର ଶିଶୁ ସେମାନଙ୍କ ମାଆ କୋଳକୁ ଫେରିଥିବା ପ୍ରକାଶ। ବିଜୟଙ୍କ ଘର ପୁଣେରେ। ୨୦୦୪ରେ ନିଜ ଅଂଚଳର ପିଲାଟିଏ ଘରଛାଡ଼ି ପଳାଇଥିଲା। ପିଲାଟିକୁ ବିଜୟ ଦିନ-ରାତି ଖୋଜି, ପାଇବା ପରେ ତା'ର ପିତା-ମାତାଙ୍କୁ ଫେରାଇଥିଲେ। ଗାଁ ଲୋକେ ସେତେବେଳେ ଖୁସିହୋଇ ତାଙ୍କୁ ହାତୀ ପିଠିରେ ବସାଇ ବୁଲାଇଥିଲେ। ସେହି ସମୟରୁ ସେ ନିଖୋଜ ଶିଶୁ ଉଦ୍ଧାର ଅଭିଯାନରେ ଲାଗିଛନ୍ତି। ଶିଶୁ ଉଦ୍ଧାର ଅଭିଯାନକୁ ମଜଭୁଜ ଓ ପ୍ରସାର କରାଇବା ଲାଗି ଗଢ଼ିଛନ୍ତି 'ସମତଳ ଫାଉଣ୍ଡେସନ୍'। ଏଥିରେ ନିୟୋଜିତ ଯୁବ ସ୍ୱେଚ୍ଛାସେବୀମାନେ ରେଳ ଷ୍ଟେସନ, ଅଟୋ ବସଷ୍ଟାଣ୍ଡ, ଚିକିତ୍ସାଳୟ, ସ୍କୁଲ, କଲେଜ, ବଜାର ଆଦି ଅଂଚଳରେ ଘୂରିବୁଲି ନିଖୋଜ ପିଲାଙ୍କୁ ଉଦ୍ଧାର କରୁଛନ୍ତି। ପ୍ରଥମେ ସେମାନଙ୍କୁ ରେଳବାଇ ପୋଲିସର ପଞ୍ଜିକୃତ କରାଯାଏ। ଉପଯୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସଂସ୍ଥାରେ ରଖି ଯତ୍ନ ନିଆଯାଏ। ତାହାପରେ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇ ଘରକୁ ଫେରାଇ ଦିଆଯାଏ। ବିଜୟ କହନ୍ତି- ଭାରତୀୟ ସମାଜକୁ ଏକ ବାଳପ୍ରେମୀ ସମାଜରେ ପରିଣତ କରାଇବା ଏପରି ଅଭିଯାନରେ ମୁଖ୍ୟ ଲକ୍ଷ୍ୟ। ବିଜୟଙ୍କ କାର୍ଯ୍ୟ ପ୍ରତି ମୁମ୍ବାଇର ଶିଶୁ କଲ୍ୟାଣ କମିଟି, ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼, ଶିଶୁ ଶ୍ରମିକ ଅଦାଲତ ଓ ପୁଲିସ ବିଭାଗର ସହଯୋଗ ସମର୍ଥନ ଥିବା ପ୍ରକାଶ। ଶିଶୁ ସୁରକ୍ଷା ଓ ଅଧିକାର ପାଇଁ ଲଢୁଥିବା ଏହି ଯୁବ ସମାଜସେବୀ ପଚିଶରୁ ଅଧିକ ସମ୍ମାନରେ ପୁରସ୍କୃତ।




# ପଡ଼ିଆ ମଝିରେ ଜାତୀୟ ସଂପତି !

ବେଜିଂର ଏକ ପ୍ରସିଦ୍ଧ ବିଦ୍ୟାଳୟ ହେଉଛି 'ୟୁସାଇହାଇସ୍କୁଲ୍'। ଏହି ପ୍ରସିଦ୍ଧ ବିଦ୍ୟାଳୟ ଚାରି ପାଖେ ଗୁଡ଼ିଏ ଐତିହାସିକ ଇମାରତ ରହିଛି। କେଉଁଠି ଖାଲି ସ୍ଥାନ ନ ଥିବାରୁ ପିଲାଙ୍କ ପାଇଁ ଖେଳ ପଡ଼ିଆଟିର ବ୍ୟବସ୍ଥା କରାଯାଇପାରୁ ନଥିଲା। ଶେଷରେ ଖଣ୍ଡିଏ ସ୍ଥାନ ମିଳିଲା। ତେବେ, ଖାଲି ପଡ଼ିଆରେ ମଝିରେ ଥିଲା ଗଛଟିଏ। ସ୍ଥାନୀୟ ଆଇନ ଅନୁଯାୟୀ ଗଛଟିକୁ କାଟିବା ପାଇଁ ପ୍ରଶାସନିକ ଅନୁମତି ଲୋଡ଼ା। ଜଣାପଡ଼ିଲା, ଗଛଟି ଶହେବର୍ଷ ପୁରୁଣା, ତେଣୁ ଏକ ଜାତୀୟ ସଂପତି। ଖେଳ ପଡ଼ିଆ ପାଇଁ ଜାତୀୟ ସଂପତିକୁ କଟାଯାଇ ପାରିବ ନାହିଁ କି ସ୍ଥାନାନ୍ତରଣ କରାଯାଇପାରିବ ନାହିଁ ବୋଲି କର୍ତୃପକ୍ଷ ସ୍ପଷ୍ଟ ଜଣାଇଦେଲେ। ସ୍କୁଲ ପରିଚାଳନା କର୍ତୃପକ୍ଷ ଉପାୟହୀନ ହୋଇ ଗଛଟିକୁ ରଖିଲେ ଏବଂ ଗଛ ଚାରିପାଖେ ଫୁଟବଲ ପଡ଼ିଆ ବିକଶିତ କରାଗଲା। ଗଛଟି ଥିବାରୁ ଖେଳ ବେଳେ ସମସ୍ୟା ହେଉଛି ସତ କେହି ଚିନ୍ତିତ ନାହାନ୍ତି।

# ମହିଳା ଖୋଳିଲେ ୧୯୦ କୂଅ

ଜଳ ଯନ୍ତ୍ରଣାରୁ ମୁକୁଳିବା ଲାଗି କେରଳର ପାଲକ୍କାଡ଼ ଅନ୍ତର୍ଗତ ଏକ ଗାଁର ମହିଳାମାନେ ଶହେ ନବେଟି କୂଅ ଖୋଳିଛନ୍ତି। ସାଧାରଣତଃ ପୁରୁଷଙ୍କ ଦ୍ୱାରା ହେଉଥିବା କୂଅ ଖନନ ଭଳି ଏକ କଷ୍ଟସାଧ୍ୟ କାର୍ଯ୍ୟକୁ ମହିଳାମାନେ କରିପାରିଥିବାରୁ ଏହେବ ସେମାନେ ସର୍ବସାଧାଣରେ ପ୍ରଶଂସିତ। କୂଅ ଖୋଳା କାର୍ଯ୍ୟରେ ଲାଗିଥିବା ସବୁ ମହିଳା ଗୃହିଣୀ ଓ ବୟସ ପଇଁତିରିଶରୁ ସତୁରି ମଧ୍ୟରେ। ଗଲାବର୍ଷରୁ ଗାଁରେ ମରୁଡ଼ି ପଡ଼ିଛି। ଏପର୍ଯ୍ୟନ୍ତ ପରିସ୍ଥିତି ସୁଧୁରିନାହିଁ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶଚିତ କର୍ମନିଯୁକ୍ତି ଯୋଜନାରେ ହାତଗଣତି କୂଅ ଓ ଛୋଟ ଗଡ଼ିଆ ଖୋଳାଯାଇଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନହେବାରୁ, ମହିଳାମାନେ ଏକତ୍ର ହୋଇ ଏପରି ସାହସିକ ପଦକ୍ଷେପ ନେଇଥିଲେ। କୂଅ ଖୋଳିବାର କୌଶଳ ଆଦୌ ନଜାଣି ମଧ୍ୟ ଏମାନେ ଶିଡ଼ି, ବେଲଚା ଆଦି ମାଟି ଖୋଳିବା ଉପକରଣ ଦ୍ୱାରା ଦଶ-ବାର ମିଟର ଗଭୀର କୂଳ ଖୋଳିବାରେ ସକ୍ଷମ ହୋଇଛନ୍ତି। ଆଗକୁ ଗାଁରେ ଜଳକଷ୍ଟ ଦୂର ହେବା ନେଇ ସେମାନେ ଆଶାବାଦୀ।

# ସାଇନୋସାଇଟିସ୍



ସାଇନୋସାଇଟିସ୍ ଏକ ପ୍ରକାର ଯନ୍ତ୍ରଣାଦାୟକ ଶିରପୀଡ଼ା ବା ମୁଣ୍ଡବିନ୍ଧା ରେଗା। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ କ୍ରମାଗତ ଭାବେ କମ୍ବା ଦୀର୍ଘ ସମୟଧରି ମୁଣ୍ଡ ବିନ୍ଧେ। ଅଧିକ ଧୂଳି, ଧୂଆଁରା ପ୍ରଭାବ, ବଦହଜମି, ଅତ୍ୟଧିକ ଭୋକ, ସବୁବେଳେ ଚିନ୍ତାରେ ରହିବା, ଆବଶ୍ୟକତା ଠାରୁ ଅଧିକ ମାନସିକ କିମ୍ବାଶାରୀରିକ ପରିଶ୍ରମ, ଅଶାନ୍ତି ଏହି ରୋଗର ମୁଖ୍ୟ କାରଣ। ନାକପୁଡ଼ା ଫୁଲିଯିବା, ସବୁ ବେଳେ ନାକରୁ ପାଣି ବୋହିବା, ଆଖି ପତା ଓ ହନୁହାଡ଼ ଫୁଲିଯିବା, ଦାନ୍ତ ବିନ୍ଧିବା, ବହୁଦିନ ଧରି ନାକରୁ ପାଣି ବାହାରିବା ପରେ ବହଳିଆ ଦୁର୍ଗନ୍ଧ ସିଂଘାଣି ଗଡ଼ିବା, ଜ୍ୱର, ଛାତି ଦରଜ, ଦାନ୍ତ ବିନ୍ଧା, ସୂର୍ଯ୍ୟୋଦୟ ପରେ ମୁଣ୍ଡ ବିନ୍ଧଣ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ସମୟକୁ ସାମାନ୍ୟ କମିଯିବା ଆଦି ସାଇନୋସାଇଟିସର ଲକ୍ଷଣ। ଦୁଇରୁ ଚାରି ସପ୍ତାହ ପର୍ଯ୍ୟନ୍ତ ଏପରି ସମସ୍ୟା ଦେଖାଯାଏ। ସମସ୍ୟା ବଢ଼ିଲେ, ତାହାକୁ ତୀବ୍ର ବା ଦୀର୍ଘୟକାଳୀନ ସାଇନୋସାଇଟିସ କୁହାଯାଏ। ଏଡି ସମସ୍ୟା ଚାରିରୁ ବାର ସପ୍ତାହ କିମ୍ବା ଅଧିକ ସମୟ ଧରି ଲାଗିରହେ। ଏଲୋପାଥିକ ଚିକିତ୍ସା ପଦ୍ଧତିରେ ନାସାରନ୍ଧ୍ର ଦେଇ ମୁଣ୍ଡରେ ଜମିଥିବା ପାଣି ବାହାର କରି ଦିଆଯାଏ। ସାଇନୋସାଇଟିସରେ ପୀଡ଼ିତ ରୋଗୀ ବିଶେଷଜ୍ଞମାନଙ୍କ ଦ୍ୱାରା ପରାମର୍ଶ ଗ୍ରହଣ କରି ଆବଶ୍ୟକ ଚିକିତ୍ସା ଗ୍ରହଣ କରିବା ଉଚିତ। କେତେକେ ସତର୍କତା ମୂଳକପଦକ୍ଷେପ ଦ୍ୱାରା ଏହି ରୋଗରୁ ଉପଶମ ମିଳିଥାଏ। ଥଣ୍ଡାଜାତୀୟ ଖାଦ୍ୟ ବର୍ଜନ କରିବା ଉଛିତ। ଆଇସକ୍ରିମ, ଦହି,ସୋଡ଼ାଜାତୀୟ ଥଣ୍ଡା ପାନୀୟ, କାକୁଡ଼ି, ପାଚିଲା କଦଳୀ, ଫ୍ରିଜରେ ରଖାଯାଇଥିବା ଖାଦ୍ୟ ଖାଆନ୍ତୁ ନାହିଁ। ଉଚ୍ଚ ରକ୍ତଚାପ କିମ୍ବା ମସ୍ତିଷ୍କରେ ଆଘା, କ୍ରମାଗତ ମୁଣ୍ଡବିନ୍ଧା କାରଣ ହୋଇପାରେ। ଏଥିପାଇଁ ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ପରାମର୍ଶ ନେବା ଜରୁରୀ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ମଣିପୁର ଓ ମହିଳା...

ପଡ଼ିଶା ମଣିପୁରରେ ସାମ୍ପ୍ରଦାୟିକ ଦଙ୍ଗା ପରେ, ବିଶେଷକରି ଦୁଇଜଣ ମହିଳାଙ୍କୁ ଉଲଗ୍ନ କରି ନିର୍ଯାତନା ଦିଆଯିବାର ଭିଡିଓ ଭାଇରାଲ ହେବା ଏବଂ ସେମାନଙ୍କ ମଧ୍ୟରୁ ଜଣଙ୍କ ସହିତ ଗଣଦୁଷ୍କର୍ମ କରାଯିବାର ସମ୍ବାଦ ପ୍ରକାଶ ପାଇବା ପରେ ମିଜୋରାମର ଏକ ପୂର୍ବତନ ଆତଙ୍କୀ ଗୋଷ୍ଠୀଙ୍କଠାରୁ ଧମକ ପାଇ ସେହି ରାଜ୍ୟରେ ବାସ କରୁଥିବା ମୈତେଇମାନେ ରାଜ୍ୟ ଛାଡ଼ି ପଳାୟନ କରୁଥିବା ସମ୍ବାଦ ପ୍ରକାଶ ପାଇଛି । ଜଣାପଡ଼ିଛି ଯେ ଜୀବନ ପ୍ରତି ବିପଦ ରହିଥିବାର ଜାଣି ବେଶ୍ କେତେ ଶହ ମୈତେଇ ମିଜୋରାମ ଛାଡ଼ି ସାରିଲେଣି । ଏହା ଅଗ୍ରହଣୀୟ ଯେ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ସରକାରମାନେ ନା ତ ମଣିପୁରରେ ଶାନ୍ତି ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି, ନା ଦେଶବାସୀଙ୍କ ସମ୍ମୁଖରେ ଏହି ରାଜ୍ୟରେ ଚାଲୁ ରହିଥିବା ହିଂସାକାଣ୍ଡ ବାବଦରେ ସେମାନଙ୍କ ନିଜ ନିଜର ସ୍ଥିତି ସମ୍ପର୍କରେ ବର୍ଣ୍ଣନା କରିବାକୁ ଆଗେଇ ଆସୁଛନ୍ତି, ଯେଉଁଥିରେ ବର୍ତ୍ତମାନ ସୁଦ୍ଧା ସରକାରୀ ରେକର୍ଡ ଅନୁସାରେ ୧୬୦ ଜଣ ମୃତ୍ୟୁବରଣ କରି ସାରିଛନ୍ତି । ସମାନ ଭାବରେ ଶାନ୍ତି ପ୍ରତିଷ୍ଠା ପାଇଁ ସରକାରମାନେ ଏଯାବତ୍ କୌଣସି ନକ୍ସା ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ ନ କରିବା ମଧ୍ୟ ଅଗ୍ରହଣୀୟ । ପରିସ୍ଥିତିର ଗମ୍ଭୀରତାକୁ ଗ୍ରହଣ କରିବାରେ ବିଳମ୍ବ, ଏକ ଶକ୍ତିଶାଳୀ କାର୍ଯ୍ୟାନୁଷ୍ଠାନକାରୀ ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ଏବଂ ତାକୁ ଦୃଢ଼ ଭାବରେ କାର୍ଯ୍ୟରେ ପରିଣତ କରିବା ବେଳେ ସମସ୍ତ ହିତଧାରକଙ୍କୁ ବିଶ୍ୱାସକୁ ନେବାରେ କୁଣ୍ଠାଭାବ ସମଗ୍ର ଅଞ୍ଚଳ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରିବ, ଯାହା କି ଅନେକ ଦଶନ୍ଧି ଧରି ବିଭିନ୍ନ ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତ୍ୟକ୍ଷ କରି ଆସିଛି । ଏକଥା ସତ୍ୟ ଯେ ଭାରତର ପ୍ରତ୍ୟେକଟି ଛୋଟ ରାଜ୍ୟ ସର୍ବ ସମ୍ମୁଖରେ ଜନ ସମୁଦାୟମାନଙ୍କର ଏକ ମଜଭୁତ ବିବିଧତା ଉପସ୍ଥାପନ କରିଥାନ୍ତି, ଯେଉଁମାନେ ବିଭିନ୍ନ ଧର୍ମ, ଜାତି, ଜନଜାତି, ଭାଷା, ସଂସ୍କୃତିକ ପୃଷ୍ଠଭୂମି ଏବଂ ଆହୁରି ଅନେକ ଦୃଷ୍ଟିରୁ ଭିନ୍ନ ଭିନ୍ନ ଧରଣର ହୋଇଥାନ୍ତି । ତେଣୁ ବିବିଧତାରେ ଏକତାର ଧାରଣା ଏକ ସ୍ୱପ୍ନ ନୁହେଁ ; ଏହା ହେଉଛି ସେହି ଆଧାର, ଯାହା ଉପରେ ଭାରତୀୟ ଗଣରାଜ୍ୟ ପ୍ରତିଷ୍ଠିତ ହୋଇଛି ଏବଂ ଦୀର୍ଘ ସାଢ଼େ ସାତ ଦଶନ୍ଧି ଧରି ତିଷ୍ଠି ଆସିଛି । ଆଉ ଏହାକୁ ପୂର୍ଣ୍ଣ ପ୍ରାଣରେ ମାନିନେବା ହିଁ ଏମିତି ଏକ ସମ୍ବିଧାନକୁ ତିଆରି କରିବାକୁ ବାଟ କଢ଼ାଇ ନେଇଥିଲା, ଯାହା ଏହି ବିବିଧତାର ଜୟଗାନ କରିଛି, ଯେଉଁଥିରୁ ଦେଶର ଉତ୍ତରପୂର୍ବ ଭାଗରେ ଅବସ୍ଥିତ ରାଜ୍ୟଗୁଡ଼ିକ ଅଲଗା ନୁହନ୍ତି । ବସ୍ତୁତଃ, ଯେତେବେଳେ ଭାରତୀୟ ରାଷ୍ଟ୍ରର ସ୍ୱତନ୍ତ୍ର ବୈଶିଷ୍ଟ୍ୟର କଥା ଉଠେ, ଏହିସବୁ ରାଜ୍ୟ ଉପରୋକ୍ତ କଥାର ବାସ୍ତବତାକୁ ଅଧିକ ପରିମାଣରେ ଉପସ୍ଥାପିତ କରିଥାନ୍ତି । ଆଉ ଏଇ କାରଣରୁ ହିଁ ସମ୍ବିଧାନର ଅନୁଚ୍ଛେଦ ୩୭୧ ସମ୍ପୃକ୍ତ ଅଞ୍ଚଳରେ ଅନେକଗୁଡ଼ିଏ ସମ୍ପ୍ରଦାୟର ଲୋକମାନଙ୍କର ଅଧିକାର ଏବଂ ପ୍ରଥା ଓ ପରମ୍ପରାଗୁଡ଼ିକର ସୁରକ୍ଷାର ବ୍ୟବସ୍ଥା କରିଛି । ତେବେ ଯାହା କିଛି ସେମାନେ ସୃଷ୍ଟି କରିଥିଲେ, ସେସବୁ ଥିଲା ମୂଳଦୁଆ ଏବଂ ଏହା ଉପରେ ପରବର୍ତ୍ତୀ ପିଢ଼ିମାନଙ୍କର କର୍ତ୍ତବ୍ୟ ରହିଛି ଭଲ ଭାବରେ ସାମାଜିକ ସ୍ଥିତି ନିର୍ମାଣ କରିବାର, ଯଦ୍ୱାରା ସମଗ୍ର ଦେଶରେ ଶାନ୍ତି ଏବଂ ପ୍ରଗତି ରୂପକ ପରିଣତି ହାସଲ କରାଯାଇ ପାରିବ । ସମାନତାର ଅବଧାରଣା ସହିତ ହିନ୍ଦୁତ୍ୱର ବିଚାରଧାରାକୁ ସମସ୍ତଙ୍କ ଉପରେ ଲଦିଦେବା ବିବିଧତାର ବିରୋଧାଚରଣ କରିଥାଏ, ଯେତେବେଳେ କି ଏକ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ସପକ୍ଷରେ ଜନାଦେଶ ଯାଇଥାଏ ଏହା ଦେଶକୁ ସାମ୍ବିଧାନିକ ଢାଞ୍ଚାରେ ଶାସନ ପ୍ରଦାନ କରିବା ପାଇଁ । ସାମ୍ପ୍ରତିକ ପରିସ୍ଥିତିରେ ସରକାର ସହାବସ୍ଥାନର ସେହି ସୂତ୍ରଟିକୁ ବାହାର କରିବାର ଆବଶ୍ୟକତା ରହିଛି, ଯାହା ଏହି ଅଞ୍ଚଳର ବିଭିନ୍ନ ସମ୍ପ୍ରଦାୟଙ୍କୁ ମିଳିମିଶି ରହିବାକୁ ବାନ୍ଧି ରଖୁଛି ଏବଂ ଏହାକୁ ଆହୁରି ଶକ୍ତ କରିବା ନିମନ୍ତେ ତାଙ୍କ କ୍ଷମତା ଦ୍ୱାରା ଯାହା କିଛି କରିହେବ, ତାହା କରିବା ଉଚିତ । ଏ ବାବଦରେ ବିଳମ୍ବ କରାଯିବାର ଅର୍ଥ ଏହି ଅଞ୍ଚଳର ରାଜ୍ୟମାନଙ୍କୁ ଅଧିକ ଅସ୍ଥିରତା ଭିତରକୁ ଠେଲିଦେବା । ଯେତେଦୂର ମଣିପୁର ହିଂସାରେ ମହିଳାମାନଙ୍କ ପ୍ରସଙ୍ଗ ଉଠେ, ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପ୍ରତି ସମଗ୍ର ଦେଶର ଜନସାଧାରଣଙ୍କ ସମ୍ମୁଖକୁ ଆସିବାରେ ଲାଗିଛି । ଏସବୁ ହୁଏତ ସେମାନେ ସାମ୍ନା କରୁଥିବା ଆତଙ୍କ ଏବଂ ନିଷ୍ଠୁରତାର ଏକ ଛୋଟ ଅଂଶ ହୋଇପାରେ, କିନ୍ତୁ ଗଣ୍ଡଗୋଳ ସୃଷ୍ଟିକାରୀ ଦଳେ ଲୋକଙ୍କ ଦ୍ୱାରା ମାଡ଼ ମରାଯିବା, ନିର୍ଯାତନା ଦିଆଯିବା, ଗଣଦୁଷ୍କର୍ମ କରାଯିବା, ହତ୍ୟା କରାଯିବା, ଏମିତିକି କମ୍ ଶକ୍ତିଶାଳୀ ଗୋଷ୍ଠୀର ମହିଳାମାନଙ୍କୁ ପୋଡ଼ି ଦିଆଯିବା ଭଳି ଘଟଣାମାନ ଗତ ମେ' ମାସରୁ ଘଟି ଆସୁଥିବା ଜଣାପଡ଼ିଛି, ଯଦିଓ ଏସବୁର ବିବରଣୀମାନ ଭିଡିଓ ଗୁଡ଼ିକ ଜରିଆରେ ସର୍ବସମ୍ମୁଖକୁ ବିଳମ୍ବରେ ଆସୁଛି । ଏସବୁ କର୍ତ୍ତୃପକ୍ଷମାନଙ୍କର ଉଦାସୀନତାକୁ ଯେ ପ୍ରଦର୍ଶିତ କରୁଛି, ତାହା କହିବା ବାହୁଲ୍ୟ ମାତ୍ର । ଏଭଳି ପରିସ୍ଥିତିଗୁଡ଼ିକ, ତାହା ମଣିପୁରରେ ହେଉ କି ପଶ୍ଚିମବଙ୍ଗର ମାଦାରେ ହେଉ, ମହିଳାମାନଙ୍କ ମର୍ଯ୍ୟାଦା ଏବଂ ସ୍ୱାଭିମାନ ପ୍ରତି ଆନୁଷ୍ଠାନିକ ଦୃଷ୍ଟିଭଙ୍ଗୀକୁ ପ୍ରତିଫଳିତ କରୁଛି ବୋଲି କହିବା ଅସମୀଚୀନ ହେବନାହିଁ । ସମୟ ଉପଗତ ହୋଇଛି, ସମ୍ପୃକ୍ତ ରାଜ୍ୟ ସରକାରମାନେ ତଥା କେନ୍ଦ୍ର ସରକାର ଏ ବାବଦରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଯଥେଷ୍ଟ ତତ୍ପରତା ପ୍ରକାଶ କରିବା ଉଚିତ । ମହିଳାମାନଙ୍କ ଆତ୍ମାଭିମାନ, ସେମାନଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ଧ୍ୱଂସ କରାଯିବା ବା ସେମାନଙ୍କର ଅକଥନୀୟ ଦୁର୍ଦ୍ଦଶାକୁ ପ୍ରଦର୍ଶିତ କରିବା ଭାରତର ଲକ୍ଷ୍ୟ କି ?

## ◆◆ ଉତ୍କଳ ଘଣ୍ଟ ◆◆

### ଶ୍ରୀବତ୍ସ ନାୟକ



ଓଡ଼ିଆ ଅସ୍ମିତାର ପ୍ରତୀକ ସ୍ୱରୂପ ଘଣ୍ଟ ସର୍ବଜନବିଦିତ । ଘଣ୍ଟ ଶବ୍ଦ ସହ କେହି ପରିଚିତ ଥାଉ କି ନଥାଉ କିନ୍ତୁ ଓଡ଼ିଆ ହୋଇ ଆପଣ ଘଣ୍ଟ ବିଷୟରେ ଜାଣି ନଥିବେ ତାହା ନିଶ୍ଚିତ ପକ୍ଷେ ହାସ୍ୟାସ୍ପଦ ହେବ । ଆମେ ଶିକ୍ଷାନୁଷ୍ଠାନରେ ଘଣ୍ଟ, ଅଗ୍ନିଶମ ବିଭାଗରେ ଘଣ୍ଟ, ମନ୍ଦିର ରେ ଘଣ୍ଟ, ଗ୍ରାମାଞ୍ଚଳରେ ଘଣ୍ଟ ଆଦି ପ୍ରଚଳନ ହେବାର ଦେଖିବାକୁ ପାଇଥାଉ । ଆମର ଘଣ୍ଟ ସହ ସମ୍ପର୍କ ନିବିଡ଼ତା ଶୈଶବ ଅବସ୍ଥାରେ ବିଦ୍ୟାଳୟ ଓ କୈଶୋର ଅବସ୍ଥାରେ ମହାବିଦ୍ୟାଳୟରୁ ଯୋଡ଼ି ହୋଇ ରହିଛି । ଶିକ୍ଷାନୁଷ୍ଠାନରେ ସକାଳ ୧୦ ସମୟରେ ଘଣ୍ଟ ଶବ୍ଦ, ଦ୍ୱିପହର ୧ ଟା ସମୟରେ ଘଣ୍ଟ ଶବ୍ଦ, ଅପରାହ୍ନ ୪ଟା ସମୟରେ ଘଣ୍ଟ ଶବ୍ଦ, ପରୀକ୍ଷା ସମୟରେ ଘଣ୍ଟ ଶବ୍ଦ, ଜାତୀୟ ଦିବସ ପାଳନ ସମୟରେ ଘଣ୍ଟ ଶବ୍ଦ ଅନେକ କିଛି ସୂଚନା ଦେଇଥାଏ । ବାଟ ଛାଡ଼, ତୁମ କାମ ପଛ, ବିପଦରେ ପଡ଼ିଥିବା ଲୋକଙ୍କୁ ଉଦ୍ଧାର କରିବା କାମ ଆଗ ବୋଲି ଅଗ୍ନିଶମ ବିଭାଗର ଘଣ୍ଟ ଶବ୍ଦ ସୂଚନା ଦେଇ ଆଗକୁ ଆଗକୁ ମାଡି ଚାଲିଥାଏ । ବିଶ୍ୱ ଚିନ୍ତାମଣି ବିଶ୍ୱନିୟନ୍ତାଙ୍କୁ ପୂଜାର୍ଚ୍ଚନା ବେଳେ ଘଣ୍ଟ ଶବ୍ଦ ଓ ଗ୍ରାମାଞ୍ଚଳରେ ଗ୍ରାମ ସଭା ପାଇଁ ସଜାଗ ରହିବାକୁ ସୂଚନା ଦେଇଥାଏ । ଏହି ଘଣ୍ଟ ସିନା ଯେଉଁ ଗୋଟିଏ ଜାଗାରେ ବାଜେ ସେହି ପାଖାପାଖି ଲୋକଙ୍କୁ ସୂଚନା ଦିଏ କିନ୍ତୁ ଏମିତି ଏକ ଘଣ୍ଟ ଥିଲା ଯାହା ସମଗ୍ର ଓଡ଼ିଆ ଜାତିକୁ ସୂଚନା ଦେଉଥିଲା । ଯଦିଓ ଏହା ଆଜି ଆଉ ପୂର୍ବ ଭଳି ନାହିଁ କିନ୍ତୁ ଓଡ଼ିଆ ଜାତି ଆଗରେ ସେ ଘଣ୍ଟର ଶବ୍ଦ ଏବେ ବି ଶ୍ରୁତିବାନ ହେଉଅଛି ଏଥିରେ ଦ୍ୱିମତ ନାହିଁ । ଏହି ଘଣ୍ଟଟି ମନ୍ଦିର ଓ ବିଦ୍ୟାଳୟରେ ବ୍ୟବହୃତ ଘଣ୍ଟ ଭଳି କୌଣସି ଧାତୁ ନିର୍ମିତ ନୁହେଁ, ବରଂ ଖାଣ୍ଟି ରକ୍ତ, ମାଂସ ନିର୍ମିତ ଘଣ୍ଟ, ଉତ୍କଳ ଘଣ୍ଟ ଆଶୁ କବି ଯଦୁମଣି ମହାପାତ୍ର । ଯେଉଁ ଭଳି ଘଣ୍ଟଟିଏ ଶବ୍ଦରେ ଅନେକ କିଛି ସୂଚନା ଓ ଚେତନା ମିଳିଥାଏ ଠିକ୍ ଅନୁରୂପ ଭାବେ ଯଦୁମଣି ମହାପାତ୍ର ନିଜର ସାହିତ୍ୟାନୁରାଗ ଘଣ୍ଟ ମାଧ୍ୟମରେ ଯିଏ ଯେଉଁଠି ଭୁଲ କଲା ତାକୁ ଚେତାଇ ଚେତାଇ ନିଜେ ବନିଗଲେ ରକ୍ତ, ମାଂସ, ହାଡ ନିର୍ମିତ ଉତ୍କଳ ଘଣ୍ଟ ।

ଅଣକ ଫୋଡ଼ି ପେଟ କଣକ ପୋଷୁଥିବା ଆଶୁ କବି ଯଦୁମଣି ମହାପାତ୍ରଙ୍କ ଜନ୍ମ ୧୭୮୧ ମସିହା ଜାନୁୟାରୀ ମାସ ୮ ତାରିଖରେ ଗଞ୍ଜାମ ଜିଲ୍ଲାର ଆଠଗଡ ତାଲୁକାସ୍ଥିତ ମଥୁରା ଗ୍ରାମରେ ହୋଇଥିଲା । ପିତା ମୁକୁନ୍ଦ ମହାପାତ୍ର ଓ ମାତା ଶୋଭାଦେବୀଙ୍କ କୋଳ ମଣ୍ଡନ କରିଥିବା ଯଦୁମଣିଙ୍କ ଜନ୍ମ ଗଞ୍ଜାମ ଜିଲ୍ଲାରେ ହୋଇଥିଲେ ମଧ୍ୟ ତାଙ୍କର କର୍ମମୟ ଜୀବନ ନୟାଗଡ଼ର ଇଟାମାଟି ଠାରେ ବିତିଥିଲା । ସେ ଭଞ୍ଜ ଯୁଗର ଜଣେ ଗୌଣ କବି ଭାବେ ପରିଚିତ ଅଟନ୍ତି । ଜାତିରେ ବଢେଇ (ମହାରଣା) ଥିବା ଯଦୁମଣି ନିଜର ସହଜାତ ବିଚକ୍ଷଣତା ଯୋଗୁଁ ଓଡ଼ିଆରେ ପ୍ରଗାଢ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଯଦିଓ ଓଡ଼ିଆ ଭାଷା ସାହିତ୍ୟରେ ଫକୀର ମୋହନ ସେନାପତି ସର୍ବଶ୍ରେଷ୍ଠ ହାସ୍ୟ ରସିକ, ବଛାବଛା ଚଉପଦୀ ଲାଳିକା ରଚନା କରି କାନ୍ତକବି ଲକ୍ଷ୍ମୀକାନ୍ତ ଅମର, ଗଦ୍ୟ ସାହିତ୍ୟର ହାସ୍ୟରସ ପାଇଁ ଗୋପାଳ ଚନ୍ଦ୍ର ପ୍ରହରାଜ ପ୍ରସିଦ୍ଧ, ବ୍ୟଙ୍ଗ ବିଦ୍ରୁପ କରି ଲୋକମାନଙ୍କୁ ଜର୍ଜରିତ କରିବାରେ ଗୋଦାବରୀଶ ମହାପାତ୍ର ଅଦ୍ୱିତୀୟ ତଥାପି ଯଦୁମଣି ମହାପାତ୍ରଙ୍କର ବ୍ୟଙ୍ଗାତ୍ମକ ରଚନା ଅତୁଳନୀୟ । ସେ ଜଣେ ହାସ୍ୟ କବି ଭାବେ ଜଣାଶୁଣା ଥିଲେ । ତାଙ୍କ କବିତାରେ ନିର୍ଭୀକତା ଦେଖା ଯାଇଥିଲା । ରସିକ ଲୋକ ଭାବେ ନିଜର କୋମଳ କଥାରେ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରିବାରେ ସେ ଥିଲେ ମାହିର । ନିଜର ତଥା ଅନ୍ୟମାନଙ୍କର ଦାବି ଗୁଡ଼ିକ ରାଜାଙ୍କ ପାଖରେ ଅଭିନବ ଉପାୟରେ ଉପସ୍ଥାପନା କରିବାରେ ସେ ଥିଲେ ନିପୁଣ । କେବଳ ଦୋଷ ସୁଧାରିବା ପାଇଁ ନୁହେଁ ବରଂ ଯେ କୌଣସି କଥାକୁ ସରସ କରି କହିବା ତାଙ୍କର ପ୍ରବୃତ୍ତି । ସାଧାରଣ କଥା ଭାଷାରେ ବି ତାଙ୍କର ଚାତୁରୀ ଭରି ରହିଥାଏ । ଅନେକ ଗୁଡ଼ିଏ ଆଶୁ କବିତା ଓ ଢ଼ଗଡ ମାଳୀ ମାନ ରଚନା କରି ନିଜର ବାକ୍ ଚାତୁରୀର ପରିଚୟ ଦେଇଛନ୍ତି ସେ । ଭଞ୍ଜ ଯୁଗର ରୀତି କାବ୍ୟ ଭଳି ନିଜର ରଚନା, କଳ୍ପନା, ପାଣ୍ଡିତ୍ୟ ପଣିଆ, ହାସ୍ୟ ରସରେ ଭରପୁର ଥିଲା । ଓଡ଼ିଆ ଭାଷା ସାହିତ୍ୟରେ ଯେଉଁ ହାତଗଣତି କେତେଜଣ କବି ବ୍ୟଙ୍ଗଧର୍ମୀ କାବ୍ୟ ରଚନା କରିଥିଲେ ସେମାନଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, ରାଘବ ବିଳାସ କାବ୍ୟ, ଭଜନ, ଜଣାଣ, ଛାନ୍ଦ, ଚଉପଦୀ ଆଦି ରଚନା କରି ନିଜର ସାହିତ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି କବି ଯଦୁମଣି ମହାପାତ୍ର । କବିତା ମାଧ୍ୟମରେ ପ୍ରଜାମାନଙ୍କୁ ଶୋଷଣ କରୁଥିବା ରାଜାଙ୍କୁ ତୀବ୍ର ନିନ୍ଦା କରିବା ସହିତ ସମାଜକୁ ଶିକ୍ଷଣୀୟ ବାର୍ତ୍ତା ଦେଉଥିଲେ । ଓଡ଼ିଆ ସାହିତ୍ୟ ଜଗତର ମଉଡମଣୀ ତଥା ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ର । ଉଭୟ ହାସ୍ୟ ଓ ରୀତିଯୁଗୀୟ କବିମାନଙ୍କ ମଧ୍ୟରେ ତାଙ୍କର ଲେଖା ଓ ଉକ୍ତି ଗୁଡିକ ଏବେ ବି ଜନ ମାନସରେ ବଞ୍ଚିଛି । ସେ ଜଣେ ରାଜଦରବାରି କବି ଭାବେ ପ୍ରସିଦ୍ଧ ଥିଲେ । ସେ ଜନ୍ମରୁ ଲୋକ ମାନଙ୍କୁ ବିଭିନ୍ନ ପ୍ରକାରର ଚଉପଦୀ କହି ହସାଉଥିଲେ । ସ୍ୱ-ରଚିତ ଚଉପଦୀ ଗୁଡିକ କାଳକ୍ରମେ ଅନେକ ଗଡଜାତ ରାଜ୍ୟ ମାନଙ୍କରେ ପ୍ରସାର ଲାଭ କଲା । କୌଣସି ଏକ ଘଟଣାକୁ ଦେଖି ତାକୁ ବ୍ୟଙ୍ଗ ବା କଟାକ୍ଷ ମାଧ୍ୟମରେ ଚଉପଦୀରେ ପ୍ରକାଶ କରିବାର ଦକ୍ଷତା ତାଙ୍କୁ ପଡୋଶୀ ରାଜା ମାନଙ୍କର ପାଖରେ ପ୍ରିୟଭାଜନ କରିଥିଲା । ନିଜେ ଘଣ୍ଟ ସାଜି ରାଜା ମାନଙ୍କର ଶୋଷଣକୁ ଚଉପଦୀରେ ପ୍ରକାଶ କରି ଅନେକ କଥା ଚେତାଇ ଦେଉଥିଲେ । ଅଷ୍ଟାଦଶ ଶତାବ୍ଦୀର କବି ଭାବେ ସମାଜର ସଂସ୍କାର ପାଇଁ ହାସ୍ୟ ବ୍ୟଙ୍ଗାତ୍ମକ ଚଉପଦୀରେ ଶବ୍ଦ ଚାତୁର୍ଯ୍ୟ ଓ ଅଳଙ୍କାରିକତା ଦେଖିବା ପାଇଁ ମିଳେ, ଯାହାକି ତାଙ୍କୁ ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଭାବେ ପରିଚୟ ଦେଇଥିଲା । ରତିଯୁଗୀୟ ଶୈଳୀ ରେ ବର୍ଣ୍ଣିତ ଲେଖା ଓ ଉକ୍ତି ଗୁଡ଼ିକ ଏତେ ଲୋକ ପ୍ରିୟ ଥିଲା ଯେ ତାହା ଏବେ ବି ଜନମାନସରେ ଅଛି । ଏତଦବ୍ୟତୀତ ସେ ଜଣେ ପଟ୍ଟଶିଳ୍ପୀ ଓ ନିଖୁଣ ବିଜ୍ଞାଣୀ ଥିଲେ । ନାରୀ ପୁରୁଷ ସମ୍ଭୋଗ ସମୟର ବିଭିନ୍ନ ମୁଦ୍ରାକୁ ପଟ୍ଟଚିତ୍ର ମାଧ୍ୟମରେ ଦର୍ଶାଇଥିଲେ ଯାହାକି ସେତେବେଳର ରାଜାଙ୍କୁ ଖୁବ୍ ଖୁସି କରିଦେଇଥିଲା । ତେବେ ଏତେ ସବୁ ଖ୍ୟାତି ଅର୍ଜନ କରିଥିଲେ ମଧ୍ୟ ଦରିଦ୍ରର କଷୋଟି ପଥର ମଧ୍ୟରେ ଯୁଝି ହେଉଥିଲେ । ଅଭାବରେ ପଡ଼ି ମଧ୍ୟ ନିଜ ସ୍ୱଭାବରେ ତିଳେମାତ୍ର ପରିବର୍ତ୍ତନ କରିନଥିଲେ । ନିଜର ସ୍ୱଭାବକୁ ଅକ୍ଷୁଣ୍ଣ ରଖିବା ପାଇଁ ସେ ଚାଟୁକାରୀ କିମ୍ବା ତେଲମରା (ସାଲିସ) କେବେ କରୁନଥିଲେ ।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ, ହାସ୍ୟ କବି ଯଦୁମଣି ମହାପାତ୍ରଙ୍କ ଭଳି ଯୋଗଜନ୍ମାମାନଙ୍କୁ ନିଜ ମାଟିରେ ସ୍ଥାନ ଦେଇ ନୟାଗଡ଼ ମାଟି ଆଜି ଧନ୍ୟ । ନୟାଗଡ଼ ମାଟି ଜନ୍ମ ଦେଇଥିବା କୃତି ସନ୍ତାନ ମାନଙ୍କ ମଧ୍ୟରେ କବି ଯଦୁମଣି ମହାପାତ୍ର ଅନ୍ୟତମ । ସଦାସର୍ବଦା ନ୍ୟାୟବନ୍ତ ଥିବା ଯଦୁମଣି ନିଜ କଲମ ମୁନରେ କଟାକ୍ଷ କରି ସମାଜ ଉପଯୋଗୀ ଚଉପଦୀ ମାନ ରଚନା କରିଥିଲେ । ନିଜର ଶାଣିତ ଭାଷାରେ କଟୁ ସମାଲୋଚନା କରି ସେ ପଲଟିଯାଇଥିଲେ ଓଡ଼ିଆ ଜାତିର ଜାଗ୍ରତ ପ୍ରହରୀ । ନିଜର ଅଗାଧ ପାଣ୍ଡିତ୍ୟ, କାବ୍ୟ, କବିତା ଓ ଚିତ୍ରକଳା ରେ ସେ ଥିଲେ ଅପୂର୍ବ ସଫଳତା ଅର୍ଜନ କରିଥିଲେ । ୧୮୬୬ ମସିହା ଜୁଲାଇ ୨ ତାରିଖରେ ଉତ୍କଳ ଘଣ୍ଟଙ୍କର ଜୀବନ ପ୍ରଦୀପ ଲିଭିଗଲା । ଆଜି ସେ ନାହାନ୍ତି ସତ କିନ୍ତୁ ବଞ୍ଚି ରହିଯାଇଛି ସେଇ ତାଳପତ୍ର ପୋଥି ଓ କବିଙ୍କର ସେଇ ହାତ ତିଆରି ଚିତ୍ରକଳା । ତାଙ୍କର ଅମ୍ଳାନ କୃତିତ୍ୱ ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ଜୀବିତ ରଖିଛି । ପ୍ରତିଦିନ ହଜାର ହଜାର ଲୋକ ଜନ୍ମ ଗ୍ରହଣ କରିଛନ୍ତି କିନ୍ତୁ ଅଳ୍ପ କିଛି ଲୋକ ନିଜର କୃତିତ୍ୱ ମାଧ୍ୟମରେ ଜନ ମାନସରେ ମୃତ୍ୟୁ ପରେ ମଧ୍ୟ ଜୀବିତ ଥାଆନ୍ତି । ସାରା ଉତ୍କଳର ଇଟା ଓ ମାଟିର କବି ସେ ଥିଲେ । ଘଣ୍ଟ ଯେମିତି ଆମକୁ ଆମର ନିତିଦିନିଆ ଜୀବନ ଚୌର୍ଯ୍ୟ ରେ ଆମକୁ ସତର୍କ କରାଇଥାଏ ଠିକ୍ ସେମିତି ନିଜର ଅଭିନବ ବ୍ୟଙ୍ଗାତ୍ମକ ଶୈଳୀରେ ଘଣ୍ଟ ସାଜି ଓଡ଼ିଶା ବାସିଙ୍କୁ ଚେତାଇ ଚେତାଇ ନୀରବି ଗଲେ । ତାଙ୍କ ଆବର୍ତ୍ତମାନକୁ ଆମେ ସମସ୍ତେ ଝୁରି ହେଉଛେ । କିନ୍ତୁ ଦୁଃଖ ଓ ଅନୁତାପ ର ବିଷୟ ହେଉଛି ଯେ ଏତେ ବଡ଼ ବିଦ୍ୱାନ ସତ୍ତ୍ୱେ ସରକାରଙ୍କର ଉଦାସୀନତା ମନୋଭାବ ଓଡ଼ିଶା ରେ ତାଙ୍କର ପ୍ରତିମୂର୍ତ୍ତିଟିଏ ଦେଖିବାକୁ ମିଳୁନାହିଁ । କୌଣସି ପ୍ରେକ୍ଷାଳୟ, ଶିକ୍ଷାନୁଷ୍ଠାନ, ରାସ୍ତା କିମ୍ବା ଅନୁଷ୍ଠାନ ଟିଏ ତାଙ୍କ ନାମରେ ନହେବା ନିଶ୍ଚିତ ଏକ ଦୁଃଖଦାୟକ ବିଷୟ । ସାଧାରଣରେ ଏହାକୁ ନେଇ ବହୁତ୍ ଚର୍ଚ୍ଚା ହେଉଛି । ଯଦିଓ ନୟାଗଡ଼ ବାସି ବାରମ୍ବାର ଏହାକୁ ନେଇ ଦାବି କରୁଛନ୍ତି କିନ୍ତୁ ଚୁପ୍ ବସିଛି ପ୍ରଶାସନ । ଯଦି ସରକାର ଏହା ଉପରେ କିଛି ଚିନ୍ତା ନକରନ୍ତି ତେବେ ସମୟ ଆସିବ ଓଡ଼ିଆ ଭାଷା ସାହିତ୍ୟର ଜଣେ ଉଜ୍ଜଳ ତାରକା ଓଡ଼ିଆ ବାସୀଙ୍କ ମନରୁ ଲିଭିଯିବେ ।

ଅଧ୍ୟାପକ,ବାଣିଜ୍ୟ ବିଭାଗ

## ◆◆ ସର୍ପାଘାତର ସୁବର୍ଣ୍ଣଘଣ୍ଟା ◆◆

### ବୈଷ୍ଣବ ମେହେର

ସଡ଼କ ଦୁର୍ଘଟଣା ପରେ ଭାରତରେ ଦ୍ୱିତୀୟ ସର୍ବାଧିକ ଲୋକଙ୍କ ଅକାଳ ମୃତ୍ୟୁ ସର୍ପାଘାତ ଯୋଗୁଁ ଘଟିଥାଏ । ତଥ୍ୟ ଅନୁସାରେ ୨୦୧୯ରେ ସର୍ପାଘାତରେ ବିଶ୍ୱରେ ୬୩ ହଜାର ଲୋକଙ୍କ ପ୍ରାଣହାନୀ ହୋଇଥିବା ବେଳେ ସେଥି ମଧ୍ୟରୁ ୫୧ ହଜାର ମୃତକ ଭାରତୀୟ ଥିଲେ । ଏଥିରୁ ଅନୁମାନ କରାଯାଇପାରେ ଯେ ଭାରତରେ ସର୍ପାଘାତ ସ୍ଥିତି କେତେ ଭୟାବହ । ସର୍ପାଘାତ ମୃତ୍ୟୁରେ ଓଡ଼ିଶାର ସ୍ଥିତି ମଧ୍ୟ କିଛି କମ୍ ଉଦବେଗଜନକ ନୁହେଁ । ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି)ର ରିପୋର୍ଟ ଅନୁଯାୟୀ ସର୍ପାଘାତଜନିତ ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି । ସରକାରୀ ତଥ୍ୟ ଅନୁସାରେ ଗତ ତିନି ବର୍ଷରେ ଆମ ରାଜ୍ୟରେ ସର୍ପାଘାତରେ ୨ ହଜାର ୮୩୯ ଜଣଙ୍କ ଜୀବନ ଯାଇଛି । ଏହି ସଂଖ୍ୟା ପ୍ରାକୃତିକ ଦୁର୍ବିପାକରେ ଘଟୁଥିବା ମୃତ୍ୟୁସଂଖ୍ୟାର ୩୮ ପ୍ରତିଶତ ବୋଲି କୁହାଯାଏ । ଏବେ କିଛି ଦିନ ହେଲା ଓଡ଼ିଶାରେ ଲଗାତାର ଭାବେ ସର୍ପାଘାତ ମୃତ୍ୟୁ ଘଟିବା ଅନେକଙ୍କୁ ଭୟଭିତ କରି ରଖିଛି । କେବଳ ଚଳିତ ମାସରେ ଜୁଲାଇ ପଚିଶି ତାରିଖ ସୁଦ୍ଧା ଆମ ରାଜ୍ୟରେ ସତର ଜଣଙ୍କ ସର୍ପାଘାତରେ ଜୀବନ ଗଲାଣି ।

ଦେଖା ଯାଉଥିବା ସମସ୍ତ ସାପ ବିଷଧର ନୁହଁନ୍ତି । ଭାରତରେ ତିନି ଶହରୁ ଅଧିକ ପ୍ରଜାତିର ସାପ ଦେଖାଯାଉଥିବା ବେଳେ ଓଡ଼ିଶାରେ କିନ୍ତୁ ୮୨ ପ୍ରଜାତିର ସାପ ରହନ୍ତି । ସେଥିମଧ୍ୟରୁ କେବଳ ନାଗ, ଚିତି, ରଣା, ଧୂଳିଆବୋଡ଼ା, ଚନ୍ଦନ ବୋଡ଼ା, ନାଉଡ଼ଙ୍କିଆ ଭଳି ମାତ୍ର ଆଠରୁ ଦଶ ପ୍ରକାର ସାପ ବିଷଧର ଅଛନ୍ତି । ସାଧାରଣତଃ ସାପମାନେ ଜୁନ ମାସରୁ ଅକ୍ଟୋବର ମାସ ଭିତରେ ସର୍ବାଧିକ କାମୁଡ଼ିଥାନ୍ତି । ବିଶେଷ କରି ଏହି ସମୟରେ ବର୍ଷା ଯୋଗୁଁ ଗାତ ଗୁଡ଼ିକରେ ପାଣି ଭରି ଯାଉଥିବାରୁ ସାପମାନେ ବାହାରକୁ ଚାଲି ଆସି ଜନବସତି ମୁହାଁ ହୁଅନ୍ତି । ପୁନଶ୍ଚ ଏହି ସମୟରେ ଚାଷ କାମ ଚାଲୁଥିବାରୁ ଜମିକୁ ଯାଉଥିବା ଚାଷୀ ପରିବାର ଅଧିକାଂଶରେ ସର୍ପାଘାତର ଶିକାର ହେଉଥିବା ଦେଖିବାକୁ ମିଳେ । ସର୍ପାଘାତ ଏକ ବିପର୍ଯ୍ୟୟ ଭାବରେ ଉଭା ହୋଇଥିଲେ ହେଁ ଏହାର ସମୁଚିତ ବିଧାନ ଏଯାଏଁ ହୋଇପାରି ନାହିଁ । ଆମ ରାଜ୍ୟର ଅଧିକାଂଶ ଡାକ୍ତରଖାନାରେ ଏନେଇ ଆବଶ୍ୟକ ଉନ୍ନତ ଚିକିତ୍ସା ସୁବିଧା ନାହିଁ । ଯଦିଓ ଡାକ୍ତରଖାନା ଗୁଡ଼ିକରେ ଆଣ୍ଟି ଭେନସ୍ ଇଞ୍ଜେକସନର ଉପଲବଧତା ରହିଛି କିନ୍ତୁ ଉନ୍ନତ ମାନର ଚିକିତ୍ସା ଓ ଆଇସିୟୁ ସୁବିଧା ଏବଂ ଠିକ୍ ଡାଇଗ୍ନୋସିସ୍ ହୋଇ ନପାରିବା କାରଣରୁ ଅକାଳରେ ସର୍ପାଘାତ ରୋଗୀଙ୍କ ଜୀବନ ଚାଲିଯାଉଛି । କିନ୍ତୁ ସବୁଠାରୁ ବଡ଼ ବିଡ଼ମ୍ବନାର ବିଷୟ ହେଉଛି ଏବେ ବି ଝଡ଼ାଫୁଙ୍କାକୁ ନେଇ ଲୋକଙ୍କ ଭିତରେ ରହିଥିବା ଅଗାଧ ବିଶ୍ୱାସ । ଯାହା ସର୍ପାଘାତ ରୋଗୀ ମୃତ୍ୟୁର ପ୍ରମୁଖ କାରଣ ବୋଲି କୁହାଯାଇପାରେ । ବିଶେଷ କରି ଗ୍ରାମାଂଚଳର ଲୋକେ ସାର୍ପାଘାତ ରୋଗୀକୁ ପ୍ରଥମେ ଝଡ଼ାଫୁଙ୍କା କରାଇବା ଦ୍ୱାରା ଅଯଥାରେ ଅମୂଲ୍ୟ ସମୟ ନଷ୍ଟ ହୋଇଥାଏ । ରୋଗୀ ସ୍ୱାସ୍ଥ୍ୟର ଅବନତିକୁ ଦେଖି ଶେଷରେ ପରିବାର ଲୋକ ପାଖ ଡାକ୍ତରଖାନାକୁ ପହଂଚାଇବା ବେଳକୁ ବିଳମ୍ବ ହୋଇସାରିଥାଏ ।


ସର୍ପାଘାତର ପ୍ରଥମ ଗୋଟିଏ ଘଣ୍ଟା ଅତ୍ୟନ୍ତ ମୂଲ୍ୟବାନ ବୋଲି ବିଶେଷଜ୍ଞ ମତ ଦିଅନ୍ତି । କୌଣସି ପ୍ରକାର ବିଭ୍ରାନ୍ତରେ ନପଡ଼ି ଯଦି ଏହି ସମୟ ମଧ୍ୟରେ ସମୁଚିତ ଡାକ୍ତରୀ ଚିକିତ୍ସା କରାଯାଇ ପାରିବ ତେବେ ରୋଗୀର ଜୀବନ ବଂଚିଯିବାର ପୂର୍ଣ୍ଣ ସଂମ୍ଭାବନା ରହିଥାଏ । ସେଥିପାଇଁ ତ ସର୍ପାଘାତର ପ୍ରଥମ ଏକ ଘଣ୍ଟାକୁ 'ସୁବର୍ଣ୍ଣ ଘଣ୍ଟା' ବୋଲି କୁହାଯାଇଥାଏ । କିନ୍ତୁ ଠିକ ଏହି ସମୟରେ ହିଁ ନାନା ବ୍ୟକ୍ତି ନାନା କଥା କହି ରୋଗୀ ଓ ତାର ସଂପର୍କିୟଙ୍କୁ ବିଭ୍ରାନ୍ତ କରିଥାନ୍ତି । କିଛି ଲୋକ ସାପ କାମୁଡ଼ି ଥିବା ସ୍ଥାନ ପାଖାପାଖି ଜୋରରେ ରଶି ବାନ୍ଧି ଥାନ୍ତି । କିଛି ତ କ୍ଷତକୁ ଅଧିକ ଗଭୀର କରି ରକ୍ତ ବାହାର କରି ଦେବାର ପରାମର୍ଶ ଦିଅନ୍ତି । ଏପରିକି ଫିଲ୍ମ ଷ୍ଟାଇଲରେ ମୁହଁ ଲଗାଇ କ୍ଷତରୁ ସାପବିଷ ଚୁଷି ବାହାରକୁ ଫିଙ୍ଗିବାର ଅବିବେକି କାର୍ଯ୍ୟ ମଧ୍ୟ କରନ୍ତି । ଏସବୁ ପନ୍ଥା କେବଳ ସୁବର୍ଣ୍ଣ ଘଣ୍ଟାକୁ ଅଯଥାରେ ବ୍ୟୟ କରେ ନାହିଁ ବରଂ ଏହା ଉଭୟ ରୋଗୀ ଓ ତାକୁ ଏଭଳି ଉପଚାର ଯୋଗାଉଥିବା ବ୍ୟକ୍ତି ପାଇଁ କାଳ ହୋଇଥାଏ । କହିବାକୁ ଗଲେ ଲୋକଙ୍କ ଅସଚେତନତା ଓ ଅନ୍ଧବିଶ୍ୱାସ କାରଣରୁ ରୋଗୀ ନିଜ ଲୋକଙ୍କ ଦ୍ୱାରା ଅବହେଳାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଥିବା ଦେଖାଯାଏ । ଅପରପକ୍ଷେ ସଚେତନତା ହିଁ ସର୍ପାଘାତରୁ ରକ୍ଷା ପାଇବାର ସବୁଠାରୁ ବଡ଼ ଆଧାର । ସର୍ପ ଭୟଥିବା ଘରର ଚାରି ପାଖରେ ନିୟମିତ ବ୍ୟବଧାନରେ ଗାଢ଼ ଫିନାଇଲ, ଗ୍ୟାମେକସିନ୍, ବ୍ଲିଚିଙ୍ଗ ପାଉଡ଼ର ଆଦିକୁ ସିଂଚନ କରିବା ଦ୍ୱାରା ଏସବୁର ଗନ୍ଧରେ ସାପମାନେ ଘରକୁ ପଶନ୍ତି ନାହାଁ । ଅନ୍ଧାର ସ୍ଥାନରେ ସର୍ବଦା ଟର୍ଚ୍ଚ ଲାଇଟ ବ୍ୟବହାର ନିହାତି କରିବା କଥା । ଦେଖାଯାଉଛି ଯେ ଚଟାଣରେ ଶୋଇଥିବା ଲୋକେ ଅଧିକ ମାତ୍ରାରେ ସର୍ପାଘାତର ଶିକାର ହେଉଛନ୍ତି । ତେଣୁ ଅନ୍ତତଃ ବର୍ଷା ଋତୁରେ ଚଟାଣରେ ଆଦୌ ନଶୋଇ ସବୁବେଳେ ଖଟ ଉପରେ ମସାରୀ ଟାଙ୍ଗି ଶୋଇବା ଉଚିତ ହେବ । ମହତ୍ୱପୂର୍ଣ୍ଣ ଓ ଉପାଦେୟ ବିଷୟ ହେଉଛି, ସୁବର୍ଣ୍ଣ ଘଣ୍ଟାର ସଦବିନିଯୋଗ କରିବା । ଏହି ଗୁରୁତ୍ୱପୂର୍ଣ୍ଣ ସମୟ ଅବଧିରେ କୌଣସି ପ୍ରକାର ବିଭ୍ରାନ୍ତିକର କଥାରେ ନପଡ଼ି ସମୁଚିତ ଡାକ୍ତରୀ ଚିକିତ୍ସା କରାଇପାରିଲେ ସର୍ପାଘାତ ରୋଗୀର ଜୀବନ ସୁରକ୍ଷିତ ରହିବାର ସମ୍ଭାବନା ଅନେକାଂଶରେ ବଢ଼ିଯିବ ।

ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫




## ହେ ପ୍ରବୋଧ ଦେଖିଯାଅ

### ଭରତ ଚନ୍ଦ୍ର ଦାଶ



ହୃଦୟ ମାଗୁଥିବା
ଝିଅ ପାଇଁ ମୁଁ
ଫେରିବି ନିଶ୍ଚୟ
ଅପେକ୍ଷା କର
ଦେଖିବ ସାହିତ୍ୟ
ସହିତରେ ଥିବା ମଣିଷ
କ'ଣ ମରିପାରେ ନା
ତାକୁ ମାରିପାରେ ସମୟ
ତା'ର ସର୍ଜନରେ
ତା'ର ଶବ୍ଦର କାରୁକାର୍ଯ୍ୟରେ
ସେ ଚିରକାଳ ଆୟୁଷ୍ମାନ

ମୃତ୍ୟୁ କେବଳ ଏକ
ପାର୍ଥିବ ଶବ୍ଦମାତ୍ର
ହରିପାରେ ରକ୍ତ ମାଂସ ଅସ୍ଥି
ମଶାଣି ଜୁଇରେ
ଲୁହ ଏଠି ଦୃଶ୍ୟମାନ
ସ୍ମୃତି ଓ ପ୍ରୀତିର ଚକ୍ଷୁରେ ।

ପ୍ରବୋଧ
ଜଣେ ବ୍ୟକ୍ତିର
ପରିଚୟ ନୁହେଁ
କାଳଖଣ୍ଡରେ ଚଳମାନ
କବିତାର ଅସ୍ତିତ୍ୱ
ଏକ ବହ୍ନିମାନ ଶିଖା
ମା ମାଟି ମଣିଷକୁ
ଭୁଲି ପାରୁନ ବୋଲି ତ
ତୁମେ ଲେଖିଥିଲ
ହୃଦୟ ସଂଗୀତ
ଯାହା ତୁମ ଅବର୍ତ୍ତମାନରେ
ସଂଚରି ଯାଇଛି
ପ୍ରତି ହୃଦୟରେ
କଥା ପୁଣି କବିତା ପଂକ୍ତିରେ
ଜୀବନର ଏଲୋରା
ଅଜନ୍ତା ଗୁମ୍ଫାରେ ତୁମେ
ସ୍ୱପ୍ନ ଓ ସମ୍ଭାବନାର ପରୀ
ଲେଖିଥିଲ ରଚିଥିଲ ଶବ୍ଦର
ଅନନ୍ୟ ଅନିନ୍ଦ୍ୟ କୃତି ପୁଣି
କୀର୍ତ୍ତିର ପାଚେରୀ ।

ଗୋପାଳପୁରର ଭୂମିପୁତ୍ର
ଭୂମିରୁ ଭୂମାଯାଏ
ପରିବ୍ୟାପ୍ତ ତୁମ କର୍ମ
ଭାବର ବିଭବ ତୁମେ
ଅଭାବରେ ଭାବ
ସାଧାରଣ ଜନତାରେ
ସ୍ନେହ ପ୍ରେମ ପ୍ରୀତିର ପ୍ରଭାବ
ଦୃଶ୍ୟକାବ୍ୟେ ମଣିଷର କଥା
ସାହିତ୍ୟ ସଂଗୀତ ପୁଣି
ମାତୃଭାଷା ମାତୃଭୂମିର ବିକାଶ
ସ୍ପଷ୍ଟଭାବେ ପ୍ରତିଭାତ
କର୍ମକ୍ଷେତ୍ର ଜୀବନ ପୃଷ୍ଠାରେ ।
ଜନ୍ମହେଲେ ମୃତ୍ୟୁ ସତ୍ୟ
ଯାହା ନିୟତିରେ ଲେଖା
ଅସମୟେ ଚାଲିଗଲ
ସାହିତ୍ୟରେ ଶୂନ୍ୟସ୍ଥାନ
ସହିତରେ ହେବନାହିଁ ଦେଖା ।

ମୃତ୍ୟୁ ଏଠି ହୀନବୀର୍ଯ୍ୟ
ଅପହରି ଏ ମାଟିର
ଦୁର୍ଲ୍ଲଭ ବୈଭବ
ହେ ପ୍ରବୋଧ,
ଦେଖିଯାଅ ଜୀବନଟା
ପାଏ ଖାଲି ଦୁଃଖେ ପରାଭବ ।

(ଓଡିଶା ସାହିତ୍ୟ ଏକାଡେମୀର
ସଚିବ ତଥା ବିଶିଷ୍ଟ କବି
ପ୍ରବୋଧ କୁମାର ରାଉତଙ୍କ ପ୍ରତି
ଶବ୍ଦ ଅର୍ଘ୍ୟ )

ସାରସ୍ୱତ ନିବାସ,
ଗୌଡଦିଆ, ମାର୍କୋଣା,
ବାଲେଶ୍ୱର-୭୫୬୧୨୬
ମୋ:୯୪୩୭୩୭୨୧୬୬

## ତୁମେ ଏ କଣ କଲ ?

### କୃଷ୍ଣା ପ୍ରଧାନ

ଫୋନି ତୁମେ ଆସିଥିଲ ତୁମ ଶ୍ରବାଦେବ ଧରି
ଶ୍ରୀକ୍ଷେତ୍ରକୁ ପରକ୍ରମା କଲ ନୀଳଚକ୍ର ଦର୍ଶନ କରି ।
ସେଦିନ ଶୁକ୍ରବାର ତାରିଖ ତିନି ଥିଲା ମଇମାସ
ଯାହାକି ମସିହା ଦୁଇହଜାର ଉଣେଇଶ ।
ଛାରଖାର ହୋଇଗଲା ନଡ଼ିଆ, ପାନ, ଗୁଆ, ପରିବା ଓ ଖଡ଼ିଚାଷ
ସତେକି ତମେ ମୂଢ଼ ମାନବକୁ କରୁଥିଲ ଉପହାସ ।

ଅହଂକାରୀ ମାନବକୁ ଧ୍ୱଂସ ସ୍ଥଳେ ଦେଇଗଲ ଉପଦେଶ
ପ୍ରକୃତିକୁ ଓଜାଡ଼ି ନିଜେ କରନ୍ତି ନିଜ ସର୍ବନାଶ ।

ଯେତେ ସବୁ ବିସ୍ମୟ ଓକାରାନାମ୍ୟ ବିଜ୍ଞାନର
ନିରି ତଥ ଯେ ହୋଇଥାଏ ତାହା ଯେ କାଳିଆର ।

ପୁରୀ ଜିଲ୍ଲା ଉଜୁଡ଼ିଲା ତୁମର ପ୍ରଭାବେ
ରାଜଧାନୀ ଥୁଣ୍ଟା ହେଲା ଗଛର ଅଭାବେ ।

ଫୋନି ତୁମେ ତ ସୁଦୂର ରାଣୀ
ସ୍ଥଳ ଭାବେ ଆସୁଛ କି ପାଇଁ ?

ମହାସାଗରର ଉତ୍ତାଳ ତରଙ୍ଗେ
ଖେଳି ଖେଳି ଫେରି ଯାଅ ପୁଣି
ରହିଲା ତ ମନେ, ନା-ନା- ଆଉ କାହାକୁ ପଠାଇବନି
ସେ ହୋଇଥାଉ ତୁମ ଭାଇ ବା ଭଉଣୀ
ଫୋନି ତୁମେ ମାଖେ ଏତିକି ମାଗୁଣି ।

## ମେଘ ମହ୍ଲାର

### ରବୀନ୍ଦ୍ର କୁମାର ପାତ୍ର


ବିତାନ ମଧ୍ୟରୁ
ପାବୃତର ପ୍ରତିନାଦ
ଧରା ଆଜି ଧରାରେ ପତିତ ।

କଳା ହାଣ୍ଡିଆ ବାଦଲରେ
ବାଦଲ ଆଉ ବାଦଲର ଧକ୍କା ।
ଘମା ଘୋଟ ଲଢ଼େଇ
ଭୟାବହ ପରିଣତି ।
ଥରେ ଥରେ କରୁଣ ଚିତ୍କାର ଆସେ
ଆକାଶ ଆଉ ମାଟିର ବୁଢ଼କୁ
ଫଟାଇ ।

ଚିରା ଚିରା ପବନରର
ଫୁତ୍କାର ସବୁ
ଅଙ୍କିକୃତ ଆଙ୍କେ ରେଖା
ସୃଷ୍ଟି କରେ ସୃଷ୍ଟିରେ
ସୃଷ୍ଟି ଆଉ ସର୍ଜନାର ଗାଥା ।
ମେଘତ ମେଘଦୂତ ସାଜି
ଆସୁଅଛି ନେଇ ଏକାକୀ ତାନ
ଆଉ ରାଗର ସମ୍ଭାର
ଅପେକ୍ଷା କରିଛି ସୃଷ୍ଟି
ଦେଖିବାକୁ ମେଘ ଓ ମହ୍ଲାରର ।

କଂଟାବଣୀ, ଅସ୍ତି, ବାଲିଆପାଳ
ବାଲେଶ୍ୱର

# ଗୀତ ହିଁ ମୋ ଜୀବନ: ଅରୂପାନନ୍ଦ ନାୟକ



ଓଡିଶା ର କଳା ସଂସ୍କୃତି, ସାହିତ୍ୟ ଓ ନାଟକ କ୍ଷେତ୍ରରେ ଜଣେ ପରିଚିତ ଚେହେରା ହେଉଛନ୍ତି ଯୁବ ଗୀତିକାର ଅରୂପାନନ୍ଦ ନାୟକ । ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅନ୍ତର୍ଗତ କାସିମପୁର ଗ୍ରାମରେ ଶ୍ରୀ ନାୟକ ଏକ ଶିକ୍ଷକ ପରିବାରରେ ଜନ୍ମ ଲାଭ କରନ୍ତି । ତାଙ୍କର ପିତା ବିକ୍ରମା ଦିତ୍ୟ ନାୟକ ଓ ମାତା ମାନସ୍ୱିନୀ ନାୟକ । ଷଷ୍ଠ ଶ୍ରେଣୀରେ ପଢିବା ପାଖରୁ ସେ ଗୀତ ଓ କବିତା ଲେଖିବା ଆରମ୍ଭ କରିଛନ୍ତି । ଶ୍ରୀ ନାୟକ ଯେଉଁ ସୁନ୍ଦର ଓ ମନଛୁଆଁ ଗୀତ ଲେଖିଛନ୍ତି ସେଥି ମଧ୍ୟରେ ରହିଛି ତୋ ପୁରୀକୁ ମୁଁ ଯେବେ ଯାଏ କାଳିଆ, ଜହ୍ନରେ ତୋତେ କରୁଛି ମନା, ଯାହା ସବୁ ଘଟେ ଏହି ଦୁନିଆରେ, ଆଉ ଗାଁ ଲିଜା ପରିଡା । ଶ୍ରୀ ନାୟକ ଦୁଇଟି ନାଟକ ଏଠି ଦିନେ ଗାଁଟିଏ ଥିଲା ଓ ମଞ୍ଚ ପାଗଳରେ ସୁନ୍ଦର ଅଭିନୟ କରିଛନ୍ତି । ଏହି ଶାନ୍ତ ଶିଷ୍ଟ ଓ ସରଳ ଚିନ୍ତାଧାରାର ଯୁବ କବି ଓ ଗୀତିକାର ଅରୂପାନନ୍ଦ ବର୍ତମାନ ଭଦ୍ରକ ସହର ରେ ରହୁଛନ୍ତି ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ର ଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି । ଗୀତ ସମ୍ପର୍କ ରେ ସେ କୁହନ୍ତି ଗୀତ ହେଉଛି ମୋ ଜୀବନ, ମୁଁ ଏହାକୁ ଜୀବନରେ ଛାଡି ପାରିବି ନାହିଁ । ଭଲ ଗୀତ ସର୍ବଦା ସ୍ମରଣୀୟ ଓ କାଳ ଜୟୀ ହୋଇ ରହିବ । ବର୍ତମାନର ସମୟ ଅନୁଯାୟୀ ଓଡିଶାର ଗୀତିକାର ମାନେ ବିଭିନ୍ନ ଘଟଣା ଦୁର୍ଘଟଣାକୁ ନେଇ ଗୀତ ଲେଖୁଛନ୍ତି । ନୂତନ ସାହିତ୍ୟ ପତ୍ରିକା ତାରୁଣ୍ୟ ପ୍ରଭା ର ବର୍ତମାନ ସମ୍ପାଦକ ଅଛନ୍ତି ଅରୂପାନନ୍ଦ । ଅନେକ ଯୁବ କବି ଓ ସାହିତ୍ୟିକ ମାନଙ୍କ ଲେଖା ରେ ଏହି ପତ୍ରିକା ସମୃଦ୍ଧ । ରେଡ଼ିଓ ଓ ଦୂରଦର୍ଶନରୁ ଅନେକ ଶିକ୍ଷଣୀୟ କଥା ଓ କାହାଣୀ, ଗୀତ ସଂଗୀତ ଶୁଣି ଧୀରେ ଧୀରେ ଆଗକୁ ପାଦ ପକାଇଛନ୍ତି ଶ୍ରୀ ନାୟକ। ଓଡିଶାର ବିଭିନ୍ନ ସାହିତ୍ୟ ପତ୍ରିକା ଓ ଖବର କାଗଜ ରେ ତାଙ୍କର କବିତା ଓ ଗଳ୍ପ ପ୍ରକାଶ ପାଇ ଆଣି ଦେଇଛି ପାଠକୀୟ ପ୍ରଶଂସା । ଆଗାମୀ ଦିନରେ ତାଙ୍କର ସୁମଧୁର ଗୀତ ଓ କବିତାକୁ ନେଇ ପୁସ୍ତକ ପ୍ରକାଶ ପାଇବ । ବିଭିନ୍ନ ସାହିତ୍ୟ ସଭାରେ ସେ ସୁନ୍ଦର କବିତା ସଂଯୋଜନା କରିଥାନ୍ତି । ଅନେକ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି । ଅନେକ ସମୟରେ ରଙ୍ଗମଞ୍ଚର ସୌଖିନ ନାଟକ, ଚଳ ଚିତ୍ର, ଯାତ୍ରା ନାଟକ, ଭଲ ସିରିଏଲକୁ ଶ୍ରୀ ନାୟକ ଆଲୋଚନା କରିଥାନ୍ତି । ଈଶ୍ୱରଙ୍କୁ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ ।

ଉପସ୍ଥାପନା : ପ୍ରଦୀପ୍ତ ମହାନ୍ତି
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୭୦୦୮୬୪୧୮୫୨, ୯୯୩୭୯୭୬୩୫୧

# ଅକ୍ଷୟ କୁମାରଙ୍କ 'ଓଏମଜି-୨' : ହୋଇପାରେ ୨୦ଟି କଟ୍, ମିଳିପାରେ 'ଏ' ସାର୍ଟିଫିକେଟ୍



ଏବେ ଚର୍ଚ୍ଚାରେ ଅଛି ଅକ୍ଷୟ କୁମାର ଓ ପଙ୍କଜ ତ୍ରିପାଠୀଙ୍କ ଫିଲ୍ମ 'ଓଏମଜି-୨'। ସେନସର ସାର୍ଟିଫିକେଟ ଲାଗି ସିବିଏଫସି (ସେଣ୍ଟ୍ରାଲ ବୋର୍ଡ ଅଫ ଫିଲ୍ମ ସାର୍ଟିଫିକେଟ୍) ଦ୍ୱାରା ପୁନଃ ସମୀକ୍ଷା ପାଇଁ ପଠାଯାଇଛି। ଫିଲ୍ମରେ ଏପରି କିଛି ଦୃଶ୍ୟ ରହିଛି, ଯାହାକୁ ନେଇ ଲୋକମାନେ ଆପତ୍ତି କରିବେ ବୋଲି ଅଭିଯୋଗ ହୋଇଥିଲା । 'ଓଏମଜି-୨' ଅଗଷ୍ଟ ୧୧ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି କିନ୍ତୁ ଏବେ ଯାଏ ସିବିଏଫସି ଏହାକୁ ରିଲିଜ କରିବାକୁ ସବୁଜ ସଙ୍କେତ ଦେଇନାହିଁ ଏବଂ ନିର୍ମାତାମାନେ ଫିଲ୍ମର ପ୍ରମୋସନ ପାଇଁ ଷ୍ଟାରମାନଙ୍କ ସହ ଅଟକି ରହିଛନ୍ତି। ବର୍ତ୍ତମାନ ଖବର ଆସୁଛି ଯେ, ସିବିଏଫସି ସଂଶୋଧନ କମିଟି ଫିଲ୍ମରୁ ପ୍ରାୟ ୧୫-୨୦ ଟି ସିନ କାଟିବାକୁ କହିଛି। ଏହା ସହିତ ଫିଲ୍ମକୁ ବୟସ୍କ ପ୍ରମାଣପତ୍ର ଦେବା ଉଚିତ୍ ବୋଲି ମଧ୍ୟ ପରାମର୍ଶ ଦିଆଯାଇଛି। ତେଣେ ନିର୍ମାତାମାନେ କହିଛନ୍ତି ଯେ ଫିଲ୍ମରେ ସେମିତି କିଛି ଦୃଶ୍ୟ ନାହିଁ ଯେଉଁଠାରେ କଟ୍ ଆବଶ୍ୟକ। ସେମାନେ ଏହି ପରାମର୍ଶକୁ ଅସ୍ୱୀକାର କରିଛନ୍ତି। ସୂତ୍ରରୁ ଜାଣିବାକୁ ମିଳିଛି ଯେ ଫିଲ୍ମରେ କିଛି ଦୃଶ୍ୟକୁ ନେଇ ସିବିଏଫସି ପକ୍ଷରୁ ଆପତ୍ତି ଉଠାଯାଇଥିଲା, ଯାହା ପରେ ସମୀକ୍ଷା ପାଇଁ କମିଟିକୁ ପଠାଯାଇଥିଲା। ତେବେ ଫିଲ୍ମର କେଉଁ ଦୃଶ୍ୟକୁ ଲୋକମାନେ ଆପତ୍ତି କରିପାରନ୍ତି ସେ ବିଷୟରେ ଏପର୍ଯ୍ୟନ୍ତ କିଛି ଜଣା ପଡିନାହିଁ। 'ଓଏମଜି-୨' ର ପ୍ରଥମ ଟିଜର ଦର୍ଶକଙ୍କ ଠାରୁ ବହୁତ ଭଲ ପ୍ରତିକ୍ରିୟା ପାଇଥିଲା। ଏଥିସହିତ କିଛି ଲୋକଙ୍କୁ ଅକ୍ଷୟ କୁମାରଙ୍କ 'ଶିବ' ଚରିତ୍ର ଏବଂ ରେଳ ଷ୍ଟେସନରେ ହ୍ୟାଣ୍ଡପମ୍ପ ତଳେ ଶିବ ଗାଧୋଇବାର ଦୃଶ୍ୟ ଟିକେ ଅଜବ ଲାଗିଥିଲା। ଫିଲ୍ମଟି ଅଗଷ୍ଟ ୧୧ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ଘୋଷଣା ହୋଇଛି। କିନ୍ତୁ ନିର୍ମାତାମାନେ ସିବିଏଫସି ଓ ସଂଶୋଧନ କମିଟିର ପରାମର୍ଶ ମଧ୍ୟରେ ଅଟକି ରହିଛନ୍ତି।

# କ୍ୟାଟ୍ରିନାଙ୍କ ସହ ତୁଳନା କଲେ ମୋତେ ଖୁସି ଲାଗେ: ହେଲେ ମୋ କ୍ୟାରିୟର ଉପରେ ଭାରି ପଡ଼ିଲା





ବଲିଉଡ ଅଭିନେତ୍ରୀ ଜରିନ ଖାନ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ହମ୍‌ସକଲ୍ ବୋଲି ଅଧିକାଂଶ ଲୋକ ଚର୍ଚ୍ଚା କରନ୍ତି। ବଲିଉଡ୍ ବଛା ବଛା କିଛି ଅଭିନେତ୍ରୀଙ୍କୁ ସୁପରଷ୍ଟାର ସଲ୍‌ମାନ ଖାନ୍ ଲଞ୍ଚ୍ କରାଇଥିବା ବେଳେ, ଜରିନ ସେମାନଙ୍କ ମଧ୍ୟରୁ ଅନ୍ୟତମ।

ଜରିନ ଖାନ ପ୍ରଥମେ ସଲମାନ ଖାନଙ୍କ 'ବୀର' ଫିଲ୍ମରେ ଡେବ୍ୟୁ କରିଥିଲେ। କିନ୍ତୁ ଏତେ ବଡ ଡେବ୍ୟୁ ପ୍ରୋଜେକ୍ଟ ମଧ୍ୟ ତାଙ୍କ କ୍ୟାରିଅରକୁ ଆଗକୁ ନେଇପାରିଲା ନାହିଁ। ସେ କ୍ରମାଗତ ଭାବରେ ନୂତନ ପ୍ରୋଜେକ୍ଟ ସହିତ ନିଜକୁ ପ୍ରମାଣ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ କ୍ୟାରିୟର ଗଢ଼ିବାରେ ଅସଫଳ ହୋଇଛନ୍ତି। ବର୍ତ୍ତମାନ ଜରିନ୍ ଖାନ୍ କହିଛନ୍ତି ଯେ ସିନେମା ଶିଳ୍ପ ତାଙ୍କୁ ନିଜର ବ୍ୟକ୍ତିତ୍ୱ ପ୍ରମାଣ କରିବାର ସୁଯୋଗ ଦେଇନଥିଲା। ତାଙ୍କୁ ସବୁବେଳେ କ୍ୟାଟ୍ରିନାଙ୍କ ପରି ଦେଖା ଯାଉଥିବାରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା।

'ବୀର' ପରେ ଜରିନ୍ ଖାନ୍ 'ହାଉସଫୁଲ୍ ୨', 'ହେଟ୍ ଷ୍ଟୋରି ୨', 'ଅକ୍ସର ୨' ଠାରୁ ଆରମ୍ଭ କରି କିଛି ପଞ୍ଜାବୀ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଛନ୍ତି। ନିକଟରେ ସେ ରେଡ୍ଡିଟରେ 'ଆସ୍କ ମି ଏନିଥିଂ' ସେସନ୍ ଆରମ୍ଭ କରି ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତରରେ ନିଜ ମନର ବ୍ୟଥା ପ୍ରକାଶ କରିଛନ୍ତି। ତାଙ୍କୁ ଯେତେବେଳେ ଜଣେ ପ୍ରଶଂସକ ପଚାରିଲେ କି 'ଆପଣଙ୍କୁ କ୍ୟାଟ୍ରିନାଙ୍କ ସହ ତୁଳନା କଲେ କିପରି ଲାଗେ' ତ ସେ ତାହାର ଉତ୍ତରରେ କହିଛନ୍ତି, 'ଯେତେବେଳେ ମୁଁ ଏହି ଇଣ୍ଡଷ୍ଟ୍ରିକୁ ପ୍ରଥମେ ଆସିଥିଲି ମୋତେ କ୍ୟାଟ୍ରିନାଙ୍କ ସହ ତୁଳନା କଲେ ମୁଁ ଖୁସି ହେଉଥିଲି। କାରଣ ସେ ମୋତେ ଖୁବ୍ ଭଲ ଲାଗନ୍ତି ଓ ସୁନ୍ଦର ଲାଗନ୍ତି। କିନ୍ତୁ ଏହା ମୋ କ୍ୟାରିୟର ପାଇଁ ଶୁଭଙ୍କର ନଥିଲା। ମୋତେ ନିଜକୁ ପ୍ରମାଣ କରିବାର ସୁଯୋଗ ମିଳିଲା ନାହିଁ।'

# ମାଙ୍କଡ଼ ନେଇଗଲା ସାମନ୍ଥାଙ୍କ ଚଷମା



ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ନିକଟରେ ଅଭିନୟରୁ ଏକ ବର୍ଷର ବିରତି ନେବା ସମ୍ପର୍କରେ ଘୋଷଣା କରିଥିଲେ। ଏହା ପରେ ସେ ବାନ୍ଧବୀ ଅନୁଶା ସ୍ୱାମୀଙ୍କ ସହିତ ଇଣ୍ଡୋନେସିଆକୁ ଛୁଟି କାଟିବାକୁ ବାହାରି ପଡ଼ିଥିଲେ। ବାଲିରେ ଅବତରଣ କରିବା ପରେ ସେମାନେ କାର ଯୋଗେ ବୁଧବାର ଉଲୁୱାଟୁ ଯାଇଥିଲେ। ଜଙ୍ଗଲ ରାସ୍ତା ଦେଇ ଯିବା ବେଳେ ଦୁଷ୍ଟ ମାଙ୍କଡ଼ମାନଙ୍କ ସହିତ ସାମନ୍ଥା ମୁହାଁମୁହିଁ ହୋଇଥିଲେ। ଅଟକି ଫଟୋ ଉଠାଇବା ସମୟରେ ଏକ ଚତୁର ମାଙ୍କଡ଼ ତାଙ୍କ ଚଷମା ଚୋରାଇ ନେଇଥିଲା ବୋଲି ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରକାଶ କରିଛନ୍ତି। ଜଣେ ବ୍ୟକ୍ତି ମାଙ୍କଡ଼ଠାରୁ ତାଙ୍କ ଚଷମା ଆଣିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ନିଜ ଚଷମା ହରାଇବା ପରେ ସାମନ୍ଥା ଲେଖିଛନ୍ତି ଯେ ଅନ୍ତତଃ ପକ୍ଷେ ମାଙ୍କଡ଼ଟିର ଚଷମା ରୁଚି ଖୁବ୍ ଭଲ। ସାମନ୍ଥାଙ୍କ ଏକ ବର୍ଷର ବିରତି ଖବର ତାଙ୍କ ପ୍ରଶଂସକମାନଙ୍କୁ ମର୍ମାହତ କରିଥିଲା। 'ସିଟାଡେଲ୍ ଇଣ୍ଡିଆ' ଓ 'କୁସି' ଚଳଚ୍ଚିତ୍ରର ସୁଟିଂ ସାରିବା ପରେ ସେ ଆଉ କୌଣସି ତେଲୁଗୁ, ତାମିଲ ବା ବଲିଉଡ୍ ଚଳଚ୍ଚିତ୍ର ପାଇଁ ଚୁକ୍ତିବଦ୍ଧ ହେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି କାରଣରୁ ଏକ ବର୍ଷ ମଧ୍ୟରେ ସେ ପ୍ରାୟ ୧୦ରୁ ୧୨ କୋଟି ଟଙ୍କା ହରାଇବେ ବୋଲି ଆକଳନ କରାଯାଉଛି। ବିରତି ସମୟରେ ସେ ନିଜ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

# ଫେରିଲେ ଓଲିଉଡର ଆକ୍ସନ୍ ଷ୍ଟାର ଅରିନ୍ଦମ: ସରିଛି ମହୁରତ୍, ଟାଇଟଲ ଘୋଷଣାକୁ ଅପେକ୍ଷା




ଓଲିଉଡର ଆକ୍ସନ୍ ଷ୍ଟାର ଅରିନ୍ଦମଙ୍କ ନୂଆ ସିନେମାର ଶୁଭ ମହୁରତ୍ ସରିଛି। କଟକର ପଞ୍ଚମୁଖୀ ହନୁମାନ ମନ୍ଦିରରେ ଏହାର ମହୁରତ୍ ଅନୁଷ୍ଠିତ ହୋଇଛି। ଏବେ କେବଳ ଟାଇଟଲ ଘୋଷଣାକୁ ଅପେକ୍ଷା କରିଛନ୍ତି ସିନେପ୍ରେମୀ। ଏହାର ଟାଇଟଲର ପ୍ରଥମ ଶବ୍ଦ 'ଆ' ରହିଛି। ଦଶହରାରେ ମୁକ୍ତିଲାଭ କରିବ ଏହି ସିନେମା। ଅଶୋକ ପତି ଏହାର ନିର୍ଦ୍ଦେଶକ। ଅଭିଜିତ ମଜୁମଦାର ଏହାର ସଙ୍ଗୀତକାର। ରନ୍ନା ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ପ୍ରଯୋଜନା କରୁଛନ୍ତି ନିଜେ ଅରିନ୍ଦମ ରାୟ। ଭରଦ୍ୱାଜ ପଣ୍ଡା ଏହାର କାହାଣୀ ଓ ସଂଳାପ ରଚନା କରିଛନ୍ତି। ତେବେ ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବେ ତାହା ଜଣାପଡ଼ିନାହିଁ। କିଛି ଦିନ ତଳେ ଚର୍ଚ୍ଚା ହେଉଥିଲା ଯେ ନିର୍ଦ୍ଦେଶକ ଜ୍ୟୋତି ଦାସ ଅରିନ୍ଦମଙ୍କୁ ନେଇ ଏକ ବିଗ୍ ବଜେଟ୍ ଓଡ଼ିଆ ଛବି ନିର୍ମାଣ କରୁଛନ୍ତି। ଏହାର ଟାଇଟଲ ରହିଛି 'ଗେମ୍'। ଏହା ଏକ ଆକ୍ସନଭିତ୍ତିକ ଛବି। କିନ୍ତୁ ଏହି ଫିଲ୍ମ ଫ୍ଲୋରକୁ ଯିବା ଆଗରୁ ଅରିନ୍ଦମ ଅଶୋକ ପତିଙ୍କ ନିର୍ଦ୍ଦେଶିତ ଏହି ନୂଆ ଓଡ଼ିଆ ଛବିରେ କାମ କରୁଛନ୍ତି। ସୂଚନାଯୋଗ୍ୟ, ଅରିନ୍ଦମ ୨୦୦୬ରେ ମୁକ୍ତିଲାଭ କରିଥିବା ବ୍ରଜରାଜ ମୁଭିଜର 'ପ୍ରେମ ଋତୁ ଆସିଲାରେ' ସିନେମା ଜରିଆରେ ଓଲିଉଡରେ ପ୍ରବେଶ କରିଥିଲେ। ତାପରେ ସେ ପଛକୁ ଫେରି ଚାହିଁନାହାନ୍ତି। ତାଙ୍କ ଅଭିନୀତ ତଥା ମୁକ୍ତିପ୍ରାପ୍ତ ଶେଷ ସିନେମା ହେଲା 'ବାବୁ ଭାଇଜାନ୍', ଯାହା ୨୦୨୦ରେ ରିଲିଜ୍ ହୋଇଥିଲା। ତାପସ ସରଘରିଆ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଶିବାନୀ ଥିଲେ ନାୟିକା ଭୂମିକାରେ। ଏହାପରେ ସେ ଅନ୍ୟ କୌଣସି ଛବିରେ କାମ କରିନଥିଲେ।

# ଯମଜ ଶିଶୁପୁତ୍ର ଓ କନ୍ୟାଙ୍କ ମାତାପିତା ହେଲେ ଗୌତମ-ପଙ୍ଖୁରୀ

ଟେଲିଭିଜନ ଜଗତର ସବୁଠାରୁ ଲୋକପ୍ରିୟ ଦମ୍ପତି ଗୌତମ ରୋଡେ ଏବଂ ପଙ୍ଖୁରୀ ଅବସ୍ତି ଏବେ ଯମଜ ସନ୍ତାନଙ୍କ ପିତାମାତା ହୋଇଛନ୍ତି। ମଙ୍ଗଳବାର ପଙ୍ଖୁରୀଙ୍କ ପ୍ରସବ ହୋଇଥିବା ବେଳେ ବୁଧବାର ସକାଳେ ଦମ୍ପତି ସୋସିଆଲ ମିଡିଆରେ ଏହି ଖୁସି ଖବର ସେୟାର କରିଛନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ଗୌତମ ରୋଡେ ଏବଂ ପଙ୍ଖୁରୀ ଅବସ୍ତିଙ୍କ ନିକଟକୁ ତାଙ୍କ ପ୍ରଶଂସକ ଓ ବନ୍ଧୁମାନେ ଶୁଭେଚ୍ଛା ପଠାଇବା ଆରମ୍ଭ କରିଛନ୍ତି। ଜୁଲାଇ ୨୬, ୨୦୨୩ରେ ପଙ୍ଖୁରୀ ଅବସ୍ତି ତାଙ୍କ ଇନଷ୍ଟା ହ୍ୟାଣ୍ଡେଲରେ ଯମଜ ସନ୍ତାନ ଜନ୍ମ ହେବାର ଖୁସି ଖବର ଦେଇଛନ୍ତି। ଏକ ଫଟୋ ପୋଷ୍ଟ କରି ପଙ୍ଖୁରୀ ଲେଖିଛନ୍ତି, ଆମକୁ ଏକ ଶିଶୁପୁତ୍ର ଓ କନ୍ୟା ଆଶୀର୍ବାଦ ଆକାରରେ ମିଳିଛି। ଆମେ ଖୁସିର ସହ ୪ସଦସ୍ୟ ବିଶିଷ୍ଟ ପରିବାର ଆରମ୍ଭ କରିବାକୁ ଯାଉଛୁ। ସମସ୍ତ ଭଲପାଇବା ଓ ଆଶୀର୍ବାଦ ପାଇଁ ଧନ୍ୟବାଦ। ଅଭିନେତ୍ରୀଙ୍କ ପୋଷ୍ଟ ପରେ ବନ୍ଧୁ, ପ୍ରଶଂସକ ଏବଂ ଫଲୋୟର୍ସମାନେ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇ ପଙ୍ଖୁରୀଙ୍କ ପୋଷ୍ଟରେ କମେଣ୍ଟ ଦେଇଥିବା ଦେଖାଯାଇଛି। ଦେବୋଲିନା ଭଟ୍ଟାଚାର୍ଜୀ, ଭାରତୀ ସିଂ, ମୋହସିନ୍ ଖାନ୍, ଦିବ୍ୟାଙ୍କା ତ୍ରିପାଠୀ, ବିବେକ ଦାହିଆ, ଟିନା ଦତ୍ତା, ଜସୱୀର କୌର ଏବଂ ଅନନ୍ତ ବିଜୟ ଯୋଶୀଙ୍କ ସମେତ ଅନ୍ୟ କଳାକାରମାନେ ଗୌତମ ଏବଂ ପଙ୍ଖୁରୀଙ୍କୁ ଶୁଭେଚ୍ଛା ଜଣାଇଥିବା ଦେଖାଯାଇଛି।

# ପରିଚୟ ହରାଇଛନ୍ତି ସାଗରପଡ଼ାର ୩୦ ପରିବାର: ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ



ବଲାଙ୍ଗୀର , ୨୭/୦୭ (ନି.ପ୍ର): ବଲାଙ୍ଗୀର ପୁଇନ୍ତଲା ବ୍ଲକ୍ ମଲମଣ୍ଡା ପଞ୍ଚାୟତ ସାଗରପଡ଼ାରେ ରହୁଥିବା ୩୦ ପରିବାରର ପ୍ରାୟ ୧୫୦ ଲୋକ ତାଙ୍କ ପରିଚୟ ହରାଇଛନ୍ତି । ସେମାନଙ୍କ ପାଖରେ ନା ଅଛି ଆଧାର କାର୍ଡ ନା ଅଛି ଭୋଟର ପରିଚୟପତ୍ର । ଏଠାରେ ରହୁଥିଲେ ମଧ ମତଦାନରେ ସାମିଲ ହୋଇ ପାରୁନାହାନ୍ତି । ୩୦ ବର୍ଷ ହେଲା ଏଠାକାର ବାସିନ୍ଦା ହୋଇଥିଲେ ହେଁ ସେମାନଙ୍କୁ ସ୍ୱୀକୃତି ମିଳିନାହିଁ । ଏହି ୩୦ ପରିବାର ସମସ୍ତ ପ୍ରକାର ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ବାସ ଉପଯୋଗୀ ଘରଟିଏ ନଥିଲେ ହେଁ ଆବାସ ଯୋଜନାରୁ ବଂଚିତ ହେଉଛନ୍ତି । ସେହିପରି ଦାରିଦ୍ର୍ୟ ଭିତରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଏହି ପରିବାରଗୁଡ଼ିକ ସରକାରଙ୍କ ଖାଦ୍ୟ ଯୋଜନାରେ ସାମିଲ ହୋଇ ପାରିନାହାନ୍ତି । ଭୋଟର ହୋଇନଥିବାରୁ ନା ନେତାଙ୍କ ନଜର ଏମାନଙ୍କ ଉପରେ ଅଛି ନା ଏମାନେ ସରକାରୀ ଯୋଜନାରେ ସାମିଲ ହୋଇ ପାରୁଛନ୍ତି । ବଲାଙ୍ଗୀର ସହରଠାରୁ ମାତ୍ର ୯-୧୦ କିମି ଦୂରରେ ପୁଇନ୍ତଲା ବ୍ଲକ୍‌ର ମଲମଣ୍ଡା ପଞ୍ଚାୟତର କୃପାସିନ୍ଧୁ ଡ୍ୟାମ ରାସ୍ତାରେ ଏହି ସାଗରପଡ଼ାକୁ କଲୋନିପଡ଼ା ମଧ କହାଯାଏ । ଏହି ପଡ଼ାର ବାସିନ୍ଦାମାନେ ସୁବର୍ଣ୍ଣପୁର ଜିଲ୍ଲା ବିନକା ତହସିଲ ସାହାଜବାହାଲ ଅଞ୍ଚଳରୁ ଆସିଥିବା କହନ୍ତି । ଏମାନେ ସମସ୍ତେ ଆଦିବାସୀ ମୁଣ୍ଡା ଲୋହାର ସଂପ୍ରଦାୟର ବୋଲି ଜଣାପଡ଼ିଛି । ରେଳ ଲାଇନ କଡ଼ରେ ଏମାନେ ଝୁମ୍ପୁଡ଼ି ତଳେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ଏମାନଙ୍କ ପାଇଁ ପାଣି, ବିଜୁଳି ସବୁକିଛି ଅପହଞ୍ଚ । ଏ ସଂପର୍କରେ ସରପଞ୍ଚ ବିଷ୍ଣୁ ପ୍ରସାଦ ପଟେଲ କହିଛନ୍ତି, ସାଗରପଡ଼ାବାସୀଙ୍କ ସମସ୍ତ କାଗଜପତ୍ର ଭୋଟର ତାଲିକା ସାହାଜବାହାଲରେ ଥିବାରୁ ସେମାନେ ଏଠାକାର ଭୋଟର ହୋଇପାରୁନାହାନ୍ତି । ସେହିପରି ଅଧାର, ଆବାସ ଅଥବା ରାସନ ଯୋଜନା ଅନ୍‌ଲାଇନ ହେଉଥିବାରୁ ଏଥିରେ ସରପଞ୍ଚଙ୍କ କିଛି ଭୂମିକା ନଥିବା ସେ କହିଛନ୍ତି । ପୁଇନ୍ତଲା ବିଡିଓ ଅମରେନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ଏନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ । ତେବେ ପଚାରି ବୁଝିବା ପରେ ଯାହା ପଦକ୍ଷେପ ନେବା କଥା ନିଆଯିବ ।

## ଦେଶି ମଦ ଚାଲାଣ ବେଳେ ଚଢଉ : ୨ ଗିରଫ

ଜୟପୁର, ୨୭/୦୭ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଚଢଉ କରି ଦୁଇ ଜଣଙ୍କୁ ଗିରଫ କରିଛି ଜୟପୁର ଅବକାରି ବିଭାଗ । ଗିରଫ ଦୁଇ ଅଭିଯୁକ୍ତ ବଡିଗୁଡାର ମଙ୍ଗଳା କନସାରି ଓ ଦେଓଗୁଡାର ରବି ଜାନୀ । ଅବକାରି ବିଭାଗର ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରି ବିଭାଗ ଚଢଉ କରିଥିଲା । ବଡିଗୁଡା ଓ ଦେଓଗୁଡାର ଗ୍ରାମ ରାସ୍ତାରେ ଚଢଉ କରି ମଙ୍ଗଳା କନସାରି ଓ ରବି ଜାନି ଠାରୁ ୧୬ ଲିଟର ଦେଶି ମଦ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜୟପୁର ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ନରସିଂହଙ୍କ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ

ବଲାଙ୍ଗିର, ୨୭/୦୭ (ନି.ପ୍ର): ବର୍ତ୍ତମାନ ସମୟରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେବା ନିହାତି ଦରକାର । କିନ୍ତୁ, ଦେଖାଯାଉଛି ଆମ ଅଂଚଳରେ ବିଶେଷକରି ଦେଓଗାଁ, ବଲାଙ୍ଗୀର ସଦର ବ୍ଲକ ଅଂଚଳରେ ଅନେକ ସ୍କୁଲରେ ଶ୍ରେଣୀଗୃହର ସମସ୍ୟା ଅଛି । ପର୍ଯ୍ୟାପ୍ତ ପରିମାଣରେ ଛାତ୍ରଛାତ୍ରୀ ସରକାରୀ ସ୍କୁଲରେ ନାମଲେଖାଉ ଥିଲେହେଁ ଅଲଗା ଅଲଗା ଶ୍ରେଣୀ ପାଇଁ ଅଲଗା ଶ୍ରେଣୀ କଠୋରୀ ବ୍ୟବସ୍ଥା ନାହିଁ । ଯଦିବି କିଛି ସ୍ଥାନରେ ଶ୍ରେଣୀଗୃହର ବ୍ୟବସ୍ଥା ଅଛି ତାହା ପ୍ରାୟତଃ ଭଗ୍ନବସ୍ଥାରେ ରହିଛି । ଆହୁରି ଅନେକ ସ୍କୁଲରେ ଆବଶ୍ୟକତା ଅନୁଯାୟୀ ମଞ୍ଜୁରିପ୍ରାପ୍ତ ଶିକ୍ଷକ ପଦବୀରେ ଶିକ୍ଷକ, କର୍ମଚାରୀ ନାହାନ୍ତି । ତେଣୁ ଅଂଚଳର ସାମଗ୍ରିକ ବିକାଶ ପାଇଁ ଆମେ ଶିକ୍ଷକ, କର୍ମଚାରୀ ପଦବୀ ପୂରଣ ସହ ପର୍ଯ୍ୟାପ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ଅନୁଦାନ ଆଣିବା ନାହାତି ଜରୁରି ବୋଲି ଆଜି ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ବୈଠକରେ ଅଧକ୍ଷତା କରି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଅଧିକାରୀମାନଙ୍କୁ କହିଛନ୍ତି । ଜିଲ୍ଲାପାଳ ଚଂଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆଙ୍କ ଉପସ୍ଥିତିରେ ହୋଇଥିବା ବୈଠକରେ ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ କହିଥିଲେ ଯେ, ସରକାରଙ୍କ ଏକ ନୂଆ ଯୋଜନା ଅନୁଯାୟୀ ପ୍ରତ୍ୟେକ ପଂଚାୟତକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସୁଛି । ନିର୍ଦ୍ଦେଶନାମା ମୁତାବକ ଏହି ଅନୁଦାନ ପାଇଁ ପ୍ରକଳ୍ପ ଗୁଡିକର ପ୍ରସ୍ତାବ ଯେହେତୁ ବିଭିନ୍ନ ସ୍ତରର ଜନପ୍ରତିନିଧି ଏବଂ ସାଧାରଣ ଜନତା ଦେଇପାରିବେ ଏବଂ ଏହି ଅନୁଦାନ ଶିକ୍ଷା ଉନ୍ନତି ପାଇଁ ମଧ ଖର୍ଚ୍ଚ ହୋଇପାରିବ ତେଣୁ ଅନୁଦାନ ରାଶିର ୫୦ ପ୍ରତିଶତ ଶିକ୍ଷାଭିତିଭୂମିର ବିକାଶ ପାଇଁ ଖର୍ଚ୍ଚ ହେଉ । ଏଥିପାଇଁ ଏକ ବିଧିବଦ୍ଧ ପ୍ରସ୍ତାବ ପାରିତ ହୋଇପାରିଲେ ଆମ ଭଳିତ ପଛୁଆ ଅଂଚଳର ବିକାଶ ହୋଇପାରିବ ବୋଲି ବିଧାୟକ ଶ୍ରୀ ମିଶ୍ର କହିଥିଲେ । ଜିଲ୍ଲାପାଳ ମଧ ଏ ଦିଗରେ ଉପସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନିଅନ୍ତୁ ବୋଲି କହିଥିଲେ । ଆଲୋଚନାବେଳେ ଲୋୟର ସୁକତେଲ ବିସ୍ଥାପିତଙ୍କ ସମସ୍ୟା ପ୍ରତି ଉପରେ ଗୁରୁତ୍ୱର ସହ ଆଲୋଚନା ହୋଇଥିଲା । ବିଶେଷକରି ଝାଙ୍କରପାଲି ଥଇଥାନ କଲୋନୀର ଅସ୍ଥାୟୀ ଆଶ୍ରୟ ସ୍ଥଳୀ ନିର୍ମାଣରେ ନିମ୍ନମାନର କାମ ଉପରେ ଆଲୋଚନା ହୋଇଥିଲା । ସାଧାରଣ ବର୍ଷା ହେଲେ ମଧ ଏଥିରୁ ପାଣି ଗଳୁଥିବା ଅଭିଯୋଗ ସତ୍ୟ ବୋଲି ବିଧାୟକ ଶ୍ରୀ ମିଶ୍ର ନିଜେ ପରିଦର୍ଶନ କରି ଜାଣିପାରିଥିଲେ ଏବଂ ଏହା କାହିଁକି ଏତେ ନିମ୍ନମାନର ବୋଲି ପ୍ରଶ୍ନ କରିଥିଲେ । ଉପସ୍ଥିତ ଥଇଥାନ ଅଧିକ୍ଷଣ ଯନ୍ତ୍ରୀ ଯାହା କିଛି ତ୍ରୁଟି ଅଛି ଦିନେ ଦୁଇ ଦିନ ମଧରେ ସେସବୁକୁ ଦୂର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କ୍ଷତିପୂରଣକୁ ନେଇ କୋର୍ଟରେ ମାମଲା ଥିବା କିଛି ସମସ୍ୟା ବ୍ୟତୀତ ସାମୁହିକ ଓ ବ୍ୟକ୍ତିଗତ ସମସ୍ୟା ଗୁଡିର ସମାଧାନ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ ପ୍ରତିଶୃତି ଦିଆଯାଇଥିଲା ।

# ବଲାଙ୍ଗିର ବିଧାନସଭା ମଣ୍ଡଳସ୍ତରୀୟ ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୨୭/୦୭ (ନି.ପ୍ର): ବିଧାନସଭା ମଣ୍ଡଳସ୍ତରୀୟ ସମୀକ୍ଷା କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହେଇଛି । ବିଧାୟକ ନରସିଂହ ମିଶ୍ର ଉକ୍ତ ବୈଠକରେ ସଭାପତିତ୍ୱ କରିବା ସହ ବଲାଙ୍ଗିର ବିଧାନସଭା ମଣ୍ଡଳର ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଲ ରାଣା ସ୍ୱାଗତ ଭାଷଣ ଦେଇଥିଲେ । ଶ୍ରୀ ମିଶ୍ର ବିଗତ ବୈଠକରେ ଦିଆଯାଇଥିବା କାର୍ଯ୍ୟାଦେଶର ସ୍ଥିତି ବିଷୟରେ ପଚାରି ବୁଝିଥିଲେ । କୃଷି ପାଇଁ ଚାଷୀଟିଏ କିପରି ବିନା କଳାବଜାରୀରେ ସାର ଠୁ ମଞ୍ଜି ଯାଏଁ ସମସ୍ତ ସୁବିଧା ପାଇପାରିବା ସେ ବିଷୟରେ ଦୃଷ୍ଟି ଦେବାକୁ କହିଥିଲେ । ସହରାଂଚଳରେ ମ୍ୟୁନିସିପାଲିଟି ଡ୍ରେନେଜ ବ୍ୟବସ୍ଥାକୁ ଧ୍ୟାନ ଦେବା ସହ ନୂତନ ଜ୍ଞାନକୌଶଳରେ ଏହାକୁ ନିର୍ମିତ କରିବାକୁ ଆଦେଶ ଦେଇଥିଲେ । ହୋଲଡିଙ୍ଗ ବାବଦରେ ତତ୍ପର ହେବା ସହ ସହରକୁ ସୁନ୍ଦର କରିବାର ଗୁରୁଦାୟତ୍ୱ ଲୋକାଭିମୁଖୀ କାର୍ଯ୍ୟ ଦ୍ୱାରା ହିଁ ସମ୍ଭବ ବୋଲି କହିଥିଲେ । ଏଥିପାଇଁ ସ୍ୱତନ୍ତ୍ର ପ୍ୟାକେଜ ପାଇଁ ଅନୁମୋଦନ କରିବା ସହ ବଲାଙ୍ଗିର ସହର ଏବଂ ଏହାର ଆଖପାଖ ଅଂଚଳ କିପରି ଉନ୍ନତି ହେବ ଧ୍ୟାନ ଦେବାକୁ କହିଥିଲେ ।

# ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ


ଜୟପୁର, ୨୭/୦୭ (ନି.ପ୍ର): ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଚନ୍ଦନ କୁମାର ନାୟକ ଆଜି ଯୋଗଦାନ କରିଛନ୍ତି । ସେ ପ୍ରଥମେ ସଂସ୍କୃତ ଶିକ୍ଷକ ଭାବରେ ତାରାଭଟା ଆଦର୍ଶ ବିଦ୍ୟାଳୟ ବୋରିଗୁମ୍ମା ଠାରେ ତାଙ୍କର ଚାକିରି ଆରମ୍ଭ କରିଥିଲେ । ସେଠାରୁ ସେ ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଚୟନ ହୋଇଥିଲେ ଓ ଆଜି ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀରେ ନିଯୁକ୍ତି ପାଇ ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦିର୍ଘ ଦିନରୁ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିଲା । ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିଯୁକ୍ତି ନେଇ ଶିକ୍ଷକ ମହଲରେ ଖୁସିର ବାତାବରଣ ଖେଳିଯାଇଛି ।

# ଓଡ଼ିଶା ଆସିବ ସାନ୍‌ମିନା କର୍ପୋରେସନ: ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ କାରଖାନା ବସାଇବ




ଭୁବନେଶ୍ୱର/ ପାଲୋ ଅଲ୍‌ଟୋ , ୨୭/୦୭ (ନି.ପ୍ର): ଆମେରିକାର ସିଲିକନ୍ ଭାଲି ଗସ୍ତରେ ଥିବା ଓଡ଼ିଶାର ପ୍ରତିନିଧି ଦଳ ଆଜି ଇଲେକ୍ଟ୍ରୋନିକ୍ସ ଓ ସାଇବର ନିରାପତ୍ତା କ୍ଷେତ୍ରର କଂପାନିଗୁଡ଼ିକର ବରିଷ୍ଠ ଅଧିକାରୀମାନଙ୍କ ସହ ସାକ୍ଷାତ କରି ସେମାନଙ୍କୁ ରାଜ୍ୟରେ ରହିଥିବା ନିବେଶ ସୁଯୋଗ ଓ ସରକାରୀ ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଛନ୍ତି । ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ଉନ୍ନୟନ କମିସନର ଅନୁ ଗର୍ଗ, ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର, ୫-ଟି ସଚିବ ଭି କେ ପାଣ୍ଡିଆନ ପ୍ରମୁଖ ସାନ୍‌ମିନା କର୍ପୋରେସନ, ପାଲୋ ଅଲ୍‌ଟୋ ନେଟ୍‌ୱର୍କସ୍, ବେ'ଇକୋଟାରିଅମ୍ ଓ ରମ୍ବସ୍ ଆଦି ସଂସ୍ଥାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଓଡ଼ିଶାରେ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ (ପିସିବି) ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ସାନ୍‌ମିନା କର୍ପୋରେସନ ଆଗ୍ରହ ପ୍ରକାଶ କରିଛି । ଓଡ଼ିଶା ପ୍ରତିନିଧି ଦଳ ସାନ୍‌ମିନା କର୍ପୋରେସନର କାରଖାନା ପରିଦର୍ଶନ କରି କଂପାନିର ସିଇଓ ଜୁରେ ସୋଲା, ବରିଷ୍ଠ ଉପସଭାପତି ଡି ସୁନ୍ଦର କେ କାମାଥ, ମାଇକେଲ ସାରାସିନୋ ଓ ଉପସଭାପତି ବିଲ୍ ପାନାନିଙ୍କ ସହ ଆଲୋଚନା କରିଛନ୍ତି । ସେମାନେ ପାଲୋ ଅଲ୍‌ଟୋ ନେଟ୍‌ୱର୍କସ୍‌ର ବରିଷ୍ଠ ଉପସଭାପତି ଆନନ୍ଦ ଓସ୍ୱାଲ୍‌ଙ୍କୁ ମଧ ଭେଟି ସାଇବର ନିରାପତ୍ତା କ୍ଷେତ୍ରରେ ରହିଥିବା ସମ୍ଭାବନ୍ୟ ସମ୍ଭାବନା ବିଷୟରେ ଆଲୋଚନା କରିଛନ୍ତି । ବେ'ଇକୋଟୋରିଅମ୍‌ର ସିଇଓ ଜର୍ଜ ଜ୍ୟାକବ୍‌ଙ୍କ ସହ ଜଳବିଭାଜିକା ସଂରକ୍ଷଣ ବିଷୟରେ ଆଲୋଚନା ହୋଇଛି । ରାଜ୍ୟରେ ଏକ ଲିଭିଙ୍ଗ ଓସୋନାରିଅମ୍ ଓ ସଷ୍ଟେନେବଲ ଡିଜାଇନ୍ ମ୍ୟୁଜିୟମ୍ ସ୍ଥାପନ କରିବାରେ ସାହାଯ୍ୟ କରିବାକୁ କଂପାନିକୁ ଓଡ଼ିଶା ପ୍ରତିନିଧି ଦଳ କହିଛନ୍ତି । ତାହା ଏହି ସଷ୍ଟେନେବଲ୍ ଡିଜାଇନ୍ ମ୍ୟୁଜିୟମ୍ ଓଡ଼ିଶାକୁ ଡିଜାଇନ୍ ଉତ୍ସବର ଏକ ହବ୍‌ରେ ପରିଣତ କରିବ । ସେହିପରି, ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ବିଶିଷ୍ଟ ପ୍ରଫେସର ତଥା ରମ୍ବସ୍‌ର ପ୍ରତିଷ୍ଠାତା ଡକ୍ଟର ମାର୍କ ହୋରୋଓ୍ୱିଜ୍‌ଙ୍କ ସହ ଆଲୋଚନା ବେଳେ ତାଙ୍କୁ ଓଡ଼ିଶା ଓ-ଚିପ୍ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଛି । ରାଜ୍ୟରେ ଏକ ସେମିକଣ୍ଡକ୍ଟର ବ୍ୟବସ୍ଥା ବିକାଶ ଲାଗି ସହାୟତା ପ୍ରଦାନ କରିବାକୁ ତାଙ୍କୁ କୁହାଯାଇଛି ।

# ଇଂରାଜୀ ଓ ହିନ୍ଦୀରେ ଅନୁବାଦ ହେବ ଓଡ଼ିଆ ଗ୍ରନ୍ଥ



ଭୁବନେଶ୍ୱର , ୨୭/୦୭ (ନି.ପ୍ର): କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା କ୍ୟାମ୍ପସରେ ଏକ ଭାଷା ପାଠାଗାର ପ୍ରତିଷ୍ଠା ହୋଇଛି । ଭାଷାକୁ ନେଇ ଗବେଷଣା ଜାରି ରହିଥିବା ବେଳେ ଭାରତୀୟ ଜ୍ଞାନ ବ୍ୟବସ୍ଥା, ଭାଷା, ସଂସ୍କୃତି, ଦେଶାତ୍ମବୋଧ ଓ ମୂଲ୍ୟବୋଧ ଉପରେ କ୍ୟାମ୍ପସରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଆ ସାହିତ୍ୟ ଗ୍ରନ୍ଥକୁ ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁବାଦ କରିବା କାର୍ଯ୍ୟ ଏବେ ଜାରି ରହିଛି । ଏଥିସହ ଆଞ୍ଚଳିକ ଭାଷାରେ ବିଷୟବସ୍ତୁ ପ୍ରସ୍ତୁତ କରିବା ଲାଗି ନିଷ୍ପତ୍ତି ହୋଇଛି । କୋରାପୁଟ ଜିଲ୍ଲାରେ କଥିତ କୁଇ ଓ ଦେଶିଆ ଭାଷାରେ ବହି ପ୍ରକାଶ କରିବା ପାଇଁ ମଧ ପ୍ରୟାସ କରାଯାଉଥିବା ନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଛନ୍ତି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ 'ଜାତୀୟ ଶିକ୍ଷା ନୀତି ୨୦୨୦'ର ତୃତୀୟ ବର୍ଷ ପୂର୍ତ୍ତି: ଓଡ଼ିଶାରେ ଗ୍ରହଣ କରାଯାଇଥିବା ପଦକ୍ଷେପ' ବିଷୟବସ୍ତୁକୁ ନେଇ ଗତକାଲି ଅନୁଷ୍ଠିତ ସମ୍ମିଳନୀରେ ପ୍ରଫେସର ତ୍ରିପାଠୀ ଏହା କହିଛନ୍ତି । ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର କହିଲେ ଆସନ୍ତା ୨୯ ତାରିଖରେ ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଆଇଟିପିଓଠାରେ ଦ୍ୱିତୀୟ ଅଖିଳ ଭାରତୀୟ ଶିକ୍ଷା ସମାଗମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବେ । ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ୨୦୨୦ର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀତା ଦିଗରେ ଆଲୋଚନା ହେବ । ଜାତୀୟ ଶିକ୍ଷା ନୀତି(ଏନ୍‌ଇପି) ଭାରତକୁ ଏକ ଜୀବନ୍ତ ଜ୍ଞାନ ଆଧାରିତ ସମାଜ ଓ ବିଶ୍ୱ ଗୁରୁ ଭାବେ ରୂପାନ୍ତରିତ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଉପ ଆୟୁକ୍ତ ଶିହରଣ ବୋଷ କହିଲେ ୨୦୨୨-୨୩ରୁ ଓଡ଼ିଶାର ତିନୋଟି କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ ବାଟିକା ଖୋଲିଛି । ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ଆଉ ୧୯ଟି କେନ୍ଦ୍ରୀୟ ବିଦ୍ୟାଳୟରେ ବାଲ୍ ବାଟିକାରେ ଶିକ୍ଷାଦାନ ଆରମ୍ଭ କରାଯିବ । ୨୦୨୨ ଅକ୍ଟୋବର ୨୦ରେ ଆରମ୍ଭ କରାଯାଇଥିବା ମୌଳିକସ୍ତର ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା (ଏନସିଏଫଏଫଏସ) ଭାରତରେ ୩-୮ ବର୍ଷ ବୟସର ପିଲାଙ୍କ ପାଇଁ ପ୍ରଥମ ଏକୀକୃତ ପାଠ୍ୟକ୍ରମ ଢାଞ୍ଚା ଏବଂ ୫+୩+୩+୪ 'ପାଠ୍ୟକ୍ରମ ଓ ଶୈକ୍ଷଣିକ' ଭିତ୍ତିଭୂମିର ପ୍ରତ୍ୟକ୍ଷ ପରିଣାମ । ଗତ ଫେବ୍ରୁଆରିରେ ୩ରୁ ୮ ବର୍ଷ ବୟସର ପିଲାଙ୍କ ପାଇଁ ଏନସିଏଫଏଫଏସ ଉପରେ ଆଧାରିତ ଜାଦୁଇ ପିଟାରା: ଅଧ୍ୟୟନ ଶିକ୍ଷା ସାମଗ୍ରୀ ଆରମ୍ଭ ହୋଇଥିଲା । ଏନସିଇଆରଟି ପ୍ରଥମ ଶ୍ରେଣୀ ପିଲାଙ୍କ ପାଇଁ 'ବିଦ୍ୟା ପ୍ରବେଶ' ନାମକ ଏକ ବିଦ୍ୟାଳୟ ପ୍ରସ୍ତୁତି ପାଠ୍ୟବିଷୟ ବା ମଡ୍ୟୁଲ ପ୍ରସ୍ତୁତ କରିଛି । ଏହା ପିଲାଙ୍କ ପ୍ରାକ୍-ସାକ୍ଷରତା, ପ୍ରାକ୍-ସଂଖ୍ୟା ଜ୍ଞାନ, ସଂଜ୍ଞାନାତ୍ମକ ଓ ସାମାଜିକ କୌଶଳକୁ ସୁଦୃଢ଼ କରିବ । ୨୦୨୨-୨୩ ଶିକ୍ଷା ବର୍ଷଠାରୁ ୩୩ଟି ରାଜ୍ୟ/କେନ୍ଦ୍ର ଶାସିତ ରାଜ୍ୟ ବିଦ୍ୟାପ୍ରବେଶକୁ କାର୍ଯ୍ୟକାରୀ କରିଛନ୍ତି ଏବଂ ୮ ଲକ୍ଷ ୭୭ ହଜାର ୭୯୩ଟି ବିଦ୍ୟାଳୟର ପାଖାପାଖି ୧ କୋଟି ୮୦ ଲକ୍ଷ, ୧୩ ହଜାର ୯୩୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ନାଇଜର ଡିନ୍ ପ୍ରଫେସର ପ୍ରଣୟ ସ୍ୱାଇଁ ଜାତୀୟ ଶିକ୍ଷା ନୀତିର ପ୍ରମୁଖ ବିଷୟ ଉପରେ ଆଲୋକପାତ କରିବା ସହିତ ଶିକ୍ଷା କ୍ରେଡିଟ୍ ହସ୍ତାନ୍ତର, ଏକାଧିକ ପ୍ରବେଶ ଓ ପ୍ରସ୍ଥାନ ବିକଳ୍ପ ବିଷୟରେ ସୂଚନା ଦେଇଥିଲେ । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଦକ୍ଷତା ବିକାଶ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବି କେ ସିଂଘ ଏନ୍‌ଇପିରେ ଧନ୍ଦାମୂଳକ ଶିକ୍ଷା ଓ କୌଶଳ ବିକାଶ, ଭୁବନେଶ୍ୱରସ୍ଥିତି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପି ସି ଅଗ୍ରୱାଲ, ସିବିଏସ୍‌ଇର କ୍ଷେତ୍ରର ଅଧିକାରୀ କେ. ଶ୍ରୀନିବାସନ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଟିଲଗ୍ନା ତରଫରୁ ସହୀଦ୍ ଲକ୍ଷ୍ମଣ ନାଏକଙ୍କ ଏନ୍ତୁଡିଶାଳରେ ବିଶାଳ ମଶାଲ ଶୋଭାଯାତ୍ରା

ଜୟପୁର, ୨୭/୦୭ (ନି.ପ୍ର): କୋରାପୁଟ ଜିଲ୍ଲାର ବୈପାରୀଗୁଡା ଥାନା ଅନ୍ତର୍ଗତ ସହୀଦ ଲକ୍ଷ୍ମଣ ନାଏକଙ୍କ ଏନ୍ତୁଡ଼ିଶାଳ ତେନ୍ତୁଳିଗୁମ୍ମାରେ ମାଟିଲଗ୍ନା ସାହିତ୍ୟ ସଂସଦର ସଭାପତି କିଶୋର ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଶାଳ ମଶାଲ ଶୋଭାଯାତ୍ରା ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା । ତେନ୍ତୁଳିଗୁମ୍ମା ସ୍ଥିତ ସହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କ ନାତି ମଧୁ ନାୟକଙ୍କ ଦ୍ୱାରା ମଶାଲ ପ୍ରଜ୍ୱଳନ କରି ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ସ୍ଲୋଗାନ ଦେଇ ତାଙ୍କ ବାସଭବନକୁ ଯାଇ ଅତିଥି ମାନେ ବ୍ରିଟିଶ ଶାସନର ଶୋଷଣ, ଅନ୍ୟାୟ ଅତ୍ୟାଚାର ସହିତ ବୀର ଲକ୍ଷ୍ମଣ ନାଏକଙ୍କ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ତଥା ସଂଗ୍ରାମ ଜୀବନୀର ଅଲିଭା ସ୍ମୃତିକୁ ବର୍ଣ୍ଣନା କରିଥିଲେ । ମାଟିଲଗ୍ନା ସାହିତ୍ୟ ସଂସଦର ତୃତୀୟ ପ୍ରତିଷ୍ଠ ଦିବସ ଉପଲକ୍ଷେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଘଟଣା ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଂଚଳିକ ଭାଷା, ସାହିତ୍ୟ, ସଂସ୍କୃତି ସହିତ ଐତିହାସିକ ଭିତିଭୂମିର ବିକାଶ ପାଇଁ ଗ୍ରାମାଚଂଳରୁ ସହରାଚଂଳ ପର୍ଯ୍ୟନ୍ତ ଲୋକ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଐତିହାସିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଜିଲ୍ଲା ଉପଦେଷ୍ଟା ସିମାଚଂଳ ପଣ୍ଡା, ସମ୍ପାଦକ ତଥା ସହୀଦ୍ ଲକ୍ଷ୍ମଣ ନାଏକ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାବତ, ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଭକ୍ତ ମେହେର, ସହକାରୀ ଶିକ୍ଷକ ଅନିଲ କୁମାର ପୂଜାରୀ, ଅଲେଖ ଜେନା, ସନ୍ୟାସୀ ଭୂମିଆ, ନରସିଂହ ଗୌଡ ପ୍ରମୁଖ ଯୋଗ ଦେଇଥିଲେ ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ : ଭାଜପା ଛାଡିଲେ ନେତା ଓ କର୍ମୀ

ଧର୍ମଶାଳା, ୨୭/୦୭ (ନି.ପ୍ର): ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି,ଆଦର୍ଶ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଆଜି ଭାଜାପାର ଅନେକ ନେତା ଓ କର୍ମୀ ଦଳ ପରିତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଫଳରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଦିନକୁ ଦିନ ସୁଦୃଢ ହେବାରେ ଲାଗିଛି । ଜାରାକାସ୍ଥିତ ଦଳୀୟ କାର୍ଯ୍ୟାଳୟ ପରିସରରେ ବିଜେଡି ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବରେ ୧୫ ନଂ ଜୋନ ଅନ୍ତର୍ଗତ ଦେଓଦା ଓ ଅରେଇକଣା ପଂଚାୟତର ବିଜେପି ନେତା ଓ କର୍ମୀମାନେ ଭାଜାପା ଛାଡି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ଧନଞ୍ଜୟ ସ୍ୱାଇଁ, ଜ୍ଞାନରଂଜନ ଦାସ,ଜ୍ୟୋତି ରଂଜନ ପଣ୍ଡା,ଅକ୍ଷୟ ସ୍ୱାଇଁ,ପ୍ରମୋଦ ସ୍ୱାଇଁ,ସଞ୍ଜୀବ ସ୍ୱାଇଁ, ପ୍ରଦୀପ ତରାଇ,ପିତାମ୍ବର ସ୍ୱାଇଁ, ପ୍ରକାଶ ତରାଇ, ନାରଣ ତରାଇ, ଧୃନୁର୍ଦ୍ଧର ରାୟ, ଧୁଳେଶ୍ୱର ମଲିକ, ବିଭୂତି ବିଶ୍ୱାଳ, ପ୍ରତାପ ରାୟ, ନନ୍ଦ କିଶୋର ତରାଇ ଓ ସରୋଜ ରାୟ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ । ଧର୍ମଶାଳା ବିଧାୟକ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ୧୪ ନଂ ଜୋନ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି,ଅମରେନ୍ଦ୍ର ରାୟ,ବିକାଶ ରଂଜନ ବେହେରା,ଦେଓଦା ପଂଚାୟତ ବିଜେଡି ସଭାପତି ନିତ୍ୟାନନ୍ଦ ସାହୁ,ସମିତିସଭ୍ୟ ଅନନ୍ତ ତରାଇ, ଅରେଇକଣା ସରପଂଚ ସଞ୍ଜୟ ରାୟ,ଯୁବନେତା ପ୍ରସନ୍ନ ରାଉତ,ପ୍ରମୋଦ ବରାଳ ଓ ଆଲୋକ ରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଡେଙ୍ଗୁ ଓ ଫାଇଲେରିଆ ନିରାକରଣ ପୌର ପରିଷଦ ସ୍ତରୀୟ ସମନ୍ୱୟ କମିଟି ବୈଠକ

ଝାରସୁଗଡ଼ା, ୨୭/୦୭ (ନି.ପ୍ର): ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମକୁ ପୌରାଚଂଳ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଆଜି ଅନୁଷ୍ଠିତ ସମନ୍ୱୟ କମିଟି ବୈଠକରେ ମତପ୍ରକାଶ ପାଇଛି । ଏଥିରେ ଜିଲ୍ଲାର ସମସ୍ତ ଜନସାଧାରଣ ଡି ଇ ସି, ଆଲବେଣ୍ଡାଯୋଲ୍ ଏବଂ ଆଇଭରମେକ୍ଟିନ ବଟିକା ଦିଆଯିବ । ଏଥର କାର୍ଯ୍ୟକ୍ରମକୁ ଝାରସୁଗୁଡ଼ା ସହରାଚଂଳରେ ବ୍ୟାପକ ଭାବରେ କରାଯିବ ଓ ଆସନ୍ତା ଅଗଷ୍ଟ ୧୦ ତାରିଖରେ ପ୍ରତି ୱାର୍ଡରେ ଏହାକୁ କାଉନସିଲର ଉଦ୍ଘାଟନ କରିବେ । ୱାର୍ଡ ଅଫିସର ଓ ଅନ୍ୟାନ୍ୟ କର୍ମକର୍ତା ଏହାକୁ ସହଯୋଗ କରିବା ସହ ଜନସାଧାରଣଙ୍କୁ ବୁଝାଇବେ । ଏହାଦ୍ୱାରା ଫାଇଲେରିଆ ନିରାକରଣ କରାଯାଇପାରିବ । ଡେଙ୍ଗୁ ରୋଗର ମୁକାବିଲା ପାଇଁ ସମସ୍ତ ପୌରାଚଂଳକୁ ସଫେଇ କରାଯିବ । ଡେଙ୍ଗୁ ମୁକ୍ତ ଅଂଚଳ ଗଠନରେ ସମସ୍ତଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା । ଆଜି ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ଏକ ପୌର ପରିଷଦ ସ୍ତରୀୟ ସମନ୍ୱୟ କମିଟି ବୈଠକ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା କମିଟିର ସଦସ୍ୟ ତଥା ଝାରସୁଗୁଡ଼ା ପୌର ପରିଷଦ ଉପାଧକ୍ଷ ବେନୁଗୋପାଲ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଧାରମଣ ବିବର୍ତିଆ, ରାଜ୍ୟ କୀଟ ତତ୍ୱବିତ ଦୀପ୍ତି ରଞ୍ଜନ ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଂଚଳିକ ପ୍ରତିନିଧି ଡାକ୍ତର ଶ୍ୟାମବନ୍ଧୁ ରଥ, ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବିରାଟ ରାଜା ପଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ପି ସି ଆଇ ଜିଲ୍ଲା ଅଧିକାରୀ ମହେନ୍ଦ୍ର ନାୟକ, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣେନ୍ଦୁ ଶେଖର ବିଶ୍ୱାସଙ୍କ ସମେତ କାଉନସିଲର, ୱାର୍ଡ ଅଫିସର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସହରାଚଂଳ ସ୍ୱାସ୍ଥ୍ୟ ମିଶନ ଅତିରିକ୍ତ ପରିଚାଳକ ଶୁଭକାନ୍ତ ପଣ୍ଡା ପରିଚାଳନା କରିଥିଲେ ।

# ଶାନ୍ତିକାନନରେ କଥାକାର କନ୍‌ହେଇଲାଲ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ




ବାଲେଶ୍ୱର, ୨୭/୦୭ (ନି.ପ୍ର): ମାତ୍ର ଆଠବର୍ଷ ସମୟ ଅବଧିର ସାହିତ୍ୟ ସାଧନାରେ ବିଶିଷ୍ଟ କଥାକାର କନ୍‌ହେଇଲାଲ ଦାସ ଯୁଗଯୁଗ ପାଇଁ ଅମର ହୋଇଛନ୍ତି। ଦାରିଦ୍ର୍ୟର କଷାଘାତ ଭିତରେ ଜୀବନ ଜୀଉଁଥିବାବେଳେ ସେ ସ୍ୱପ୍ନ ଦେଖୁନଥିଲେ, ବରଂ ବାସ୍ତବ ଘଟଣାବଳୀକୁ ଉପଜୀବ୍ୟ କରି ଯେଉଁ ସାରସ୍ୱତ ସର୍ଜନା ରଚିଯାଇଛନ୍ତି ସେଗୁଡ଼ିକ କାଳଜୟୀ ହୋଇପାରିଛି ବୋଲି ଶାନ୍ତିକାନନ ପରିସରରେ ଅନୁଷ୍ଠିତ କଥାକାର କନ୍‌ହେଇଲାଲ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ବକ୍ତାମାନେ ମତପୋଷଣ କରିଛନ୍ତି। ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରହିତ୍ୟ କରିଥିବାବେଳେ ବରିଷ୍ଠ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି, ପ୍ରତିଭାଶ୍ରୀ ମୁଖ୍ୟ ପ୍ରଶାନ୍ତ ଦାସ, ଗବେଷକ ଡ. ସନ୍ତୋଷ କୁମାର ନାୟକ ଓ ଗାଳ୍ପିକା ସ୍ମୃତି ଦାସ ବକ୍ତାଭାବରେ ମଞ୍ଚମଣ୍ଡନ କରିଥିଲେ। ଯୁଗ୍ମସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌ସୂଚନା ଦେଇଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ୭୭ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ, ୨୭/୦୭ (ନି.ପ୍ର): ଆଗାମୀ ୭୭ତମ ସ୍ୱାଧୀନତା ଦିବସ - ୨୦୨୩ କୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ଉପଲକ୍ଷେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲ୍ଲାପାଳ ମନୋଜ ପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆବାହକ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ବିଗତ ବର୍ଷର ପାଳନ ବିବରଣୀ ଉପସ୍ଥାପନ ଆଧାରରେ ବୈଠକରେ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ରାମଧୂନ ପରିକ୍ରମା, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପ୍ରଭାତଫେରୀ, ସକାଳ ୭.୩୦ ଟା ସୁଦ୍ଧା ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତ୍ତୋଳନ, ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳ ପଡ଼ିଆରେ ସକାଳ ୯.୧୫ ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ପ୍ୟାରେଡ୍, ସାଂସ୍କୃତିକ ଓ ପୁରସ୍କାର ବିତରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାନେଇ ଆଲୋଚନା ମତେ ସ୍ଥିର କରାଯାଇଥିଲା। ପ୍ୟାରେଡ୍ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନକରି, ରୋଗୀମାନଙ୍କ ମଧ୍ୟରେ ଫଳବଣ୍ଟନ କରିବେ। ଜିଲ୍ଲା ସଂସ୍କୃତି ଭବନରେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟ ଅତିଥି ଉଦ୍‌ଘାଟନ କରିବେ।

ଏହି ଦିବସ ଉପଲକ୍ଷେ ଅଗଷ୍ଟ ୪ ତାରିଖରୁ ସଂସ୍କୃତି ଭବନରେ ବିଭିନ୍ନ ସ୍କୁଲର ପିଲାମାନଙ୍କ ମଧ୍ୟରେ ଓଡ଼ିଆ, ଇଂରାଜୀ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ ଆଦିରେ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଉତ୍ସବ ପାଳନ କମିଟିର ସଦସ୍ୟ ଭାବେ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜିବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏଥି ବୈଠକରେ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ନେଇ ମତାମତ ରଖିଥିଲେ।

## ସିଦ୍ଧାନ୍ତ ଦାସ ଯୁବ କଂଗ୍ରେସ ସଭାପତି

ବାସୁଦେବପୁର, ୨୭/୦୭ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ସମସ୍ତ ଙ୍କର ପ୍ରିୟ ଯୁବ ନେତା ସିଦ୍ଧାନ୍ତ ଦାସ ଙ୍କୁ ଯୁବ କଂଗ୍ରେସ ସଭାପତି ଭାବେ ନିଯୁକ୍ତ କରାଯାଇଛି । ଏହି ଅବସରରେ ଶ୍ରୀ ଦାସ ବରିଷ୍ଠ କଂଗ୍ରେସ ନେତା ତଥା ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ ଙ୍କୁ କୃତଜ୍ଞତା ଜଣାଇଛନ୍ତି କ୍ଷ ସିଦ୍ଧାନ୍ତ ଙ୍କ ର ରାଜନୀତି ରେ ଅନେକ ଅଭିଜ୍ଞତା ରହିଛି । ଆଗାମୀ ଦିନରେ ଶ୍ରୀ ଦାସ ବିଭିନ୍ନ ଜନ ସାଧାରଣ ଙ୍କ ସେବା କରିବା ସହିତ କଂଗ୍ରେସ ଦଳର ବିଜୟ ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ଗଣ ମାଧ୍ୟମ ସାମ୍ନା ରେ ପ୍ରକାଶ କରିଛନ୍ତି। ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ବରିଷ୍ଠ କଂଗ୍ରେସ ନେତା ଭକ୍ତ ରଞ୍ଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ବଳ, ପ୍ରଭାତ ବାରିକ, ତୁହିଦ ଖାଁ, ଟୁନା ସାମଲ, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ,ଯୁବ ନେତା ସୁଶାନ୍ତ ମହାକୁଡ଼, ଅକ୍ଷୟ ବାରିକ, ସୁବ୍ରତ ବେହୁରା ପ୍ରମୁଖ ଙ୍କୁ ସିଦ୍ଧାନ୍ତ କୃତଜ୍ଞତା ଜଣାଇଛନ୍ତି । ବିଭିନ୍ନ ପଂଚାୟତ ର ନେତା ଓ ବାସୁଦେବପୁର ପୌର ପାଳିକା ର ବିଭିନ୍ନ ନେତୃବର୍ଗ ସିଦ୍ଧାନ୍ତ ଙ୍କୁ ଏଇ ଅବସରରେ ଅଭିନନ୍ଦନ ଜଣାଇଛନ୍ତି । ଓଡିଶା ସରକାର ରେ ବର୍ତ୍ତମାନ ଦୁର୍ନୀତି ବଢ଼ି ଚାଲିଛି । ପ୍ରତ୍ୟେକ ଜିନିଷ ର ମୂଲ୍ୟ ଆକାଶ ଛୁଆଁ । ତେଣୁ ଶାସନ ରେ ପରିବର୍ତ୍ତନ ଆବଶ୍ୟକ ବୋଲି ଶ୍ରୀ ଦାସ ମତ ପ୍ରକାଶ କରିଛନ୍ତି ।

# ୧୪ ଜଣ ସହୀଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୨୭/୦୭ (ନି.ପ୍ର): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରରେ ଥିବା ଏସିଆ ମହାଦେଶର ସର୍ବବୃହତ ଏୟାରଷ୍ଟ୍ରିପ ରାସଗୋବିନ୍ଦପୁର ଏୟାରଷ୍ଟ୍ରିପରେ ଆଜି ୧୪ ଜଣ ସହିଦ ଏୟାରମ୍ୟାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଏୟାରଷ୍ଟ୍ରିପରେ ଯୁଦ୍ଧ ପାଇଁ ଟ୍ରେନିଂ ଦିଆଯାଉଥିଲା । ତେବେ ୧୯୪୫ ମସିହା ଜୁଲାଇ ୨୬ ତାରିଖରେ ଟ୍ରେନିଂ ୟୁନିଟର ଦୁଇଟି ଫାଇଟିଂ ବିମାନ ଏଠାରୁ ଉଡାଣ କରିଥିଲେ ଓ ପଚାଶ କିଲୋମିଟର ଦୂର ବେଲଦା ଠାରେ ପରସ୍ପରକୁ ଧକ୍କା ଦେବା ଫଳରେ ବିମାନ ଦୁଇଟି ଦୁର୍ଘଟଣାଗ୍ରସ୍ତ ହେବାରୁ ବିମାନରେ ଥିବା ୧୪ ଜଣ ଏୟାରମ୍ୟାନଙ୍କ ମୃତ୍ୟୁ ହୋଇଥିଲା । ତେବେ ୨୦୧୧ ମସିହାରୁ ଏହି ସହିଦ ଯବାନ ମାନଙ୍କୁ ପ୍ରତିବର୍ଷ ଶ୍ରଦ୍ଧାଞ୍ଜଳି ଦିଆଯାଇଆସୁଛି । ପୂର୍ବତନ ପାଇଲଟ ତଥା ବିଶେଷଜ୍ଞ ଅନିଲ କୁମାର ଧିର, ମୟୁରଭଞ୍ଜ ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ଦେବାଶିଷ ପଟ୍ଟନାୟକ, ଉଦୟ ରଞ୍ଜନ ଦାସ, ସତ୍ୟନାରାୟଣ ନନ୍ଦ, ଶିତିକାନ୍ତ ଦୀକ୍ଷିତ, ସମୀର ପାତ୍ର, ପ୍ରଶାନ୍ତ ଲେଙ୍କା ଯୋଗ ଦେଇଥିଲେ। ସେହିପର ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ସଂଗୀତ ଗାନ କରାଯିବା ପରେ ସମସ୍ତ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଆସନ୍ତା ବର୍ଷକୁ ଏଠାରେ ଏକ ଶାନ୍ତି ସଂଗ୍ରାହଳୟ ଉଦଘାଟନ କରାଯିବା ସହିତ ଏହା ଏକ ବହୁତ ବଡ଼ ଏୟାରଷ୍ଟ୍ରିପ ହୋଇଥିବାରୁ ଏହା ଏକ ଏମ.ଆର.ଓ ସେଣ୍ଟର କରାଗଲେ ଏଠାରେ ବିମାନ ଗୁଡିକର ମରାମତି କରାଯିବା ସହିତ ସ୍ଥାନୀୟ ଅଂଚଳରେ ଦଶ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିଯୁକ୍ତି ପାଇପାରିବେ ବୋଲି ପୂର୍ବତନ ପାଇଲଟ ଅନିଲ କୁମାର ଧିର କହିଛନ୍ତି ।

# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

ସୁବର୍ଣ୍ଣପୁର, ୨୭/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲପାଳ ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଖରିଫ୍ ଋତୁ ପାଇଁ ଧାନ ଏବଂ ସମସ୍ତ ପ୍ରକାର ଅଣଧାନ ଚାଷ ସହିତ ବିହନ ସାର କୀଟନାଶକ ଯୋଗାଣ ,ଜଳ ପରିଚାଳନା, ମୃତ୍ତିକା ପରୀକ୍ଷଣ, କୃଷି ଉଦ୍ୟୋଗ ସ୍ଥାପନ ଇତ୍ୟାଦି ସମସ୍ତ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଓ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ସେଠୀ ସମସ୍ତଙ୍କୁ ସ୍ୱାଗତ କରି ସଭାର ଆଭିମୁଖ୍ୟ ଏବଂ ଜିଲ୍ଲାର କୃଷିକ୍ଷେତ୍ରରେ ବିଗତ ବର୍ଷର କାର୍ଯ୍ୟକାରିତା ଓ ଚଳିତ ଖରିଫ୍ ଋତୁ ରେ ଜିଲ୍ଲାର କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ପାଇଁ ବିଭିନ୍ନ କ୍ଷେତ୍ରରେ ରହିଥିବା ଲକ୍ଷ୍ୟ ଧାର୍ଯ୍ୟ ଓ କାର୍ଯ୍ୟ ଖସଡ଼ା ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଋତୁରେ ଜିଲ୍ଲାରେ ୭୦୫୦୦ ହେକ୍ଟରରେ ଧାନ ଚାଷ କରାଯାଇ ୪୧୨୨୫୮ ମେଟ୍ରିକ ଟନ , ଡାଲି ୧୬୦୫୦ ହେକ୍ଟର ରେ ଚାଷ କରାଯାଇ ୧୨୯୩୦ ମେଟ୍ରିକ ଟନ, ତୈଳବୀଜ ୪୦୨୦ ହେକ୍ଟରରେ ୨୭୦୦ ମେଟ୍ରିକ ଟନ , ତନ୍ତୁ ଜାତୀୟ ୫୭୮୦ ହେକ୍ଟର ଚାଷ କରାଯାଇ ୧୯୭୪ ମେଟ୍ରିକ ଟନ, ପନିପରିବା ୨୯୩୬୦ ହେକ୍ଟର ଚାଷ କରାଯାଇ ୩୬୪୯୫ ମେଟ୍ରିକ ଟନ,ମସଲା ୧୦୦୦ ହେକ୍ଟର ଚାଷ କରାଯାଇ ୧୮୩୩ ମେଟ୍ରିକ ଟନ ଏବଂ ଆଖୁ ୨୦ ହେକ୍ଟର ଜମିରେ ଚାଷ କରାଯାଇ ୨୮୨୦ ମେଟ୍ରିକ ଟନ ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ଉଦ୍ୟାନ କୃଷି ଚାଷ ନିମନ୍ତେ ୫୪୦ ହେକ୍ଟର ଜମିରେ କରାଯିବାକୁ ଲକ୍ଷ୍ୟ ରହିଥିବା ବିଭଗ ତରଫରୁ ସୂଚନା ପ୍ରଦାନ କରାଯାଇଥିଲା । ଜିଲ୍ଲାକୁ ଧାର୍ଯ୍ୟ ପରିମାଣ ମୁତାବକ ୧୦୪୨୧.୦୦ ମେଟ୍ରିକ ଟନ ଚାଷ ନିମିତ୍ତ ରାସାୟନିକ ସାର, କୀଟନାଶକ ଆସିଥିବା ଡି ଏ ଓ ଶ୍ରୀ ସେଠୀ ସୂଚୀତ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଉପସ୍ଥିତ କୃଷି ଏବଂ ଆନୁସର୍ଗିକ ସମସ୍ତ ବିଭାଗର ଅଧିକାରୀ ମାନଙ୍କୁ ସମ୍ବୋଧନ କରି ଚାଷୀଙ୍କ ନିମନ୍ତେ ସରକାରୀ ଯୋଜନାର ସହ ଚାଷ ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀର ରିହାତି ବ୍ୟବସ୍ଥା କୁ ଉପଲବ୍ଧତା ଓ ସୁନିଶ୍ଚିତ କରିବାକୁ ନିର୍ଦେଶ ଦେଇଛନ୍ତି । ପୁନଶ୍ଚ ଅଣ ଜଳସେଚିତ ଅଂଚଳ ରେ ଅଣଧାନ ଯଥା କପା, ଡାଲି, ତୈଳବୀଜ, ପନିପରିବା ,କଦଳୀ, ଛତୁ ଚାଷ ଓ ଉଦ୍ୟାନକୃଷି ଉପରେ ଗୁରୁତ୍ୱାରୋପ କରି ଚଳିତ ବର୍ଷର କୃଷିବୀମା ର ଅଗ୍ରଗତି ସହ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଯାହା ଜିଲ୍ଲାର ଚାଷୀ ମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବିରୋଧୀ ମେଣ୍ଟ ....

ନଷ୍ଟ କରୁଛନ୍ତି।' ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ରାଜସ୍ଥାନରେ ଦଳିତଙ୍କ ଉପରେ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ନିଶା କାରବାର ବୃଦ୍ଧି ପାଉଛି। ରାଜସ୍ଥାନବାସୀ ନିଜ ଭଉଣୀ ଏବଂ ଝିଅଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ସହ୍ୟ କରିପାରିବେ ନାହିଁ। ଜଣେ ଦଳିତ ଭଉଣୀ ତାଙ୍କ ସ୍ୱାମୀଙ୍କ ସାମ୍ମୁଖରେ ଗଣଦୁଷ୍କର୍ମର ଶିକାର ହେଲେ। ଅଭିଯୁକ୍ତମାନେ ଏହାର ଭିଡିଓ ସୁଟ୍ କଲେ, କିନ୍ତୁ ପୁଲିସ ରଓଜ ରଖିଲା ନାହିଁ। ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଛୋଟ ଝିଅ ଏବଂ ଶିକ୍ଷକମାନେ ମଧ୍ୟ ସୁରକ୍ଷିତ ନାହାଁନ୍ତି। କଂଗ୍ରେସ ନେତାମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପୀଡିତା ମହିଳା ମିଥ୍ୟା ଅଭିଯୋଗ କରିଥିବା କହୁଛନ୍ତି। କଂଗ୍ରେସ ଏବଂ ଏହାର ସହଯୋଗୀମାନେ ସେମାନଙ୍କର ପୂର୍ବ ମେଣ୍ଟ ନାମ ଉପାକୁ ବଦଳାଇ ଏକ ନୂଆ ନାଁ ଦେଇଛନ୍ତି। ପୂର୍ବରୁ କୌଣସି ଠକ କମ୍ପାନୀ ନୂତନ ବୋର୍ଡ ଲଗାଇ ଲୋକଙ୍କୁ ବୋକା ବନାଉଥିଲେ। କଂଗ୍ରେସ ଏବଂ ଏହାର ସହଯୋଗୀ ସମାନ କମ୍ପାନୀଗୁଡିକୁ କପି କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସେମାନଙ୍କର ପଦ୍ଧତି ସମାନ, ଯାହା ଦେଶର ଶତ୍ରୁମାନଙ୍କ ଦ୍ୱାରା ଗ୍ରହଣ କରାଯାଇଛି। ଅତୀତରେ ମଧ୍ୟ ଇଣ୍ଡିଆ ନାମ ବ୍ୟବହାର କରି ନିଜ କଳା କାରନାମା ଲୁଚାଇବାକୁ ଚେଷ୍ଟା କରାଯାଇଛି। ଇଷ୍ଟ ଇଣ୍ଡିଆ କମ୍ପାନୀ ନାମରେ ମଧ୍ୟ ଇଣ୍ଡିଆ ଥିଲା। ସିମି ଅର୍ଥାତ୍ ଷ୍ଟୁଡେଣ୍ଟ୍ସ ଇସଲାମିକ୍ ମୁଭମେଣ୍ଟ ଅଫ୍ ଇଣ୍ଡିଆ କଂଗ୍ରେସ ଶାସନ ସମୟରେ ଗଠିତ ହୋଇଥିଲା। ଏଥିରେ ନାମ ଥିଲା ଇଣ୍ଡିଆ, କିନ୍ତୁ ମିଶନ ଥିଲା ଭାରତକୁ ଧ୍ୱଂସ କରିବା। ଏହାକୁ ବିରୋଧ କରାଯିବାରୁ ନାମ ବଦଳାଯାଇ ପପୁଲାର୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ ରଖାଗଲା। କିନ୍ତୁ ନୂଆ ନାମରେ ସେହି ପୁରୁଣା କାମ କରାଗଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସିକରରେ ଦେଶର ୯ କୋଟି ଚାଷୀଙ୍କୁ କୃଷକ ସମ୍ମାନ ନିଧି ଯୋଜନାରେ ଟଙ୍କା ପଠାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଚାଷୀଙ୍କ ଖାତାକୁ ସିଧାସଳଖ ୧୮,୦୦୦ କୋଟି ଜମା ହୋଇଛି। ଆଜି ଦେଶରେ ୧.୨୫ ଲକ୍ଷ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧୀ କେନ୍ଦ୍ର ଆରମ୍ଭ ହୋଇଛି। ଗ୍ରାମ ତଥା ବ୍ଲକ ସ୍ତରରେ ସ୍ଥାପିତ ଏହି କେନ୍ଦ୍ରଗୁଡ଼ିକରୁ କୋଟି କୋଟି କୃଷକ ସିଧାସଳଖ ଲାଭ ପାଇବେ। ଆମ ସରକାର ଦେଶର କୃଷକଙ୍କ ସହ କାନ୍ଧ କାନ୍ଧ ମିଶାଇ ଠିଆ ହୋଇଛନ୍ତି। କୃଷକର ଶକ୍ତି, କୃଷକର ପରିଶ୍ରମ, ମାଟିରୁ ସୁନା ଫଳାଇଥାଏ। ସେଥିପାଇଁ ସରକାର ଦେଶର ଚାଷୀଙ୍କ ସହ କାନ୍ଧ କାନ୍ଧରେ ଠିଆ ହୋଇଛନ୍ତି।

### ପ୍ରିଣ୍ଟିଂ ପ୍ରେସ୍‌ରୁ ହୋଇଛି ....

ଲକ୍ଷେ ଟଙ୍କା ମିଳିଛି ବୋଲି ବାଲେଶ୍ୱର ଏସ୍‌ପି କହିଛନ୍ତି। ସୂଚନାରୁ ପ୍ରକାଶ, ଜଳେଶ୍ୱରର ଏକ ହୋଟେଲରୁ କିଛି ଦିନ ତଳେ ପ୍ରଶ୍ନପତ୍ର ଡିଲ୍ ଚାଲିଥିବା ବେଳେ ଚଢ଼ଉ କରିଥିଲା ପୁଲିସ୍। ସେଠାରୁ କିଛି ଡକ୍ୟୁମେଣ୍ଟ ସହ ଅନ୍ୟାନ୍ୟ ଜିନିଷ ଜବତ କରିଥିଲା ପୁଲିସ । ଏହା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬ ଟି କାର, ଗୋଟିଏ ବସ୍, ଅନେକ ସାର୍ଟିଫିକେଟ ଜବତ କରିଥିଲା। ଏଥିସହ ୧୫ଟି ମୋବାଇଲ୍ ଫୋନ, ସାଇନ ହୋଇଥିବା ଏକାଧିକ ବ୍ଲାଙ୍କ ଚେକ୍ ଓ ନଗଦ ୨୨,୫୦୦ ଟଙ୍କା ମଧ୍ୟ ଜବତ ହୋଇଥିଲା।

### ବିକାଶ ପାଇଁ ପରିବର୍ତ୍ତନ ....

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଧ୍ୟାତ୍ମିକତାର ମାର୍ଗ ଦେଖାଉଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ରାଷ୍ଟ୍ରପତି କହିଥିଲେ ଯେ, ବିଭିନ୍ନ ସମୟରେ ଅନେକ ନକାରାତ୍ମକ ଚିନ୍ତାଧାରା ଆମ ମାନସିକତାକୁ ପ୍ରଭାବିତ କରିଥାଏ। କିନ୍ତୁ ଆତ୍ମସମୀକ୍ଷା ନକରିବା କାରଣରୁ, ଆମେ ନକାରାତ୍ମକ ବିଚାରର ଶିକାର ହୋଇଥାଉ ବୋଲି ସେ କହିଥିଲେ। ଶ୍ରୀମତୀ ମୁର୍ମୁ ଆହୁରି କହିଥିଲେ ଯେ, ଆମ ଭିତରେ ଈର୍ଷା ଓ ଘୃଣା ଭାବନା ବଢ଼ିଚାଲିଛି । ''ଆଜି ଆମ ଆଗରେ ସବୁଠୁ ବଡ଼ ଆହ୍ୱାନ ହେଉଛି, ନକାରାତ୍ମକ ଚିନ୍ତାଧାରାର ମୁକାବିଲା କରିବା ଏବଂ ସକାରାତ୍ମକତା ଦିଗରେ ଅଗ୍ରସର ହେବା,'' ରାଷ୍ଟ୍ରପତି କହିଥିଲେ । ମାନବ ଜାତିକୁ ସଚେତନ କରିବା ଏବଂ ସକାରାତ୍ମକ ଦିଗରେ ଅଗ୍ରସର ହେବା ଲାଗି ଲୋକମାନଙ୍କୁ ସହାୟତା କରିବା ଲାଗି ସେ ବ୍ରହ୍ମାକୁମାରୀ ସଂଗଠନର ପ୍ରୟାସକୁ ପ୍ରଶଂସା କରିଥିଲେ । ୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଗୁରୁବାର ଅପରାହ୍ନରେ ଦିଲ୍ଲୀ ଫେରିଯାଇଛନ୍ତି। ରାଜଭବନରୁ ବାହାରି ରାଷ୍ଟ୍ରପତିଙ୍କ କାରକେଡ୍ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ରାଷ୍ଟ୍ରପତି ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଯାଇଛନ୍ତି। ରାଷ୍ଟ୍ରପତିଙ୍କୁ ବିଦାୟ ଜଣାଇବା ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନବନ୍ଦରରେ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟ ଶାସନ ସଚିବ, ମେୟର ଓ ପୋଲିସ କମିଶନର ମଧ୍ୟ ଉପସ୍ଥିତ ଥିଲେ।

### ମଣିପୁରରେ ମହିଳାଙ୍କୁ ....

ସୂତ୍ର ଅନୁସାରେ, ସରକାର ଏହି ଘଟଣାର ଶୁଣାଣି ରାଜ୍ୟ ବାହାରେ କରିବାକୁ ଅନୁମତି ଲୋଡ଼ି ପାରନ୍ତି। ପଡ଼ୋଶୀ ଆସାମର କୌଣସି କୋର୍ଟରେ ଏହାର ଶୁଣାଣି ହୋଇପାରେ। ସେହିପରି ସିବିଆଇକୁ ଘଟଣାର ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଆସନ୍ତାକାଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟ ଯିବେ। ଘଟଣା ପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୋର୍ଟଙ୍କୁ ଜଣାଇବେ। ଏହାବାଦ ନିଜର ଦାବି ଗୁଡ଼ିକ ମଧ୍ୟ ଉପସ୍ଥାପନ କରିବେ। ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ନିୟମିତ ପ୍ରୟାସ କରୁଛନ୍ତି। ଏଥିପାଇଁ ସେମାନେ ଉଭୟ କୁକି ଓ ମୈତେି ସଂପ୍ରଦାୟର ନେତାମାନଙ୍କ ଯୋଗାଯୋଗରେ ରହିଛନ୍ତି। ଦୁଇ ସଂପ୍ରଦାୟର ଲୋକଙ୍କୁ ବୁଝାମଣା ଟେବୁଲକୁ ଆଣିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆପୋଷ ବୁଝାମଣା ପାଇଁ ସରକାର ଚେଷ୍ଟା କରୁଥିଲେ ହେଁ ଦୁଇ ପକ୍ଷ ଏଯାଏ ଏକମତ ହୋଇ ପାରି ନାହାନ୍ତି। ତଥାପି ସରକାର ଖୁବଶୀଘ୍ର ସମାଧାନର ରାସ୍ତା ବାହାରିବ ବୋଲି ଆଶା ରଖି ଦୁଇ ପକ୍ଷଙ୍କୁ ବୁଝାସୁଝା କରୁଥିବା ଏହି ସୂତ୍ରରେ କୁହାଯାଇଛି। ଆଉ ଏକ ତଥାକଥିତ ସୂତ୍ରରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୁଆଡ଼େ ବ୍ୟକ୍ତିଗତ ଭାବେ ମଣିପୁରର ପ୍ରତିଟି ଘଟଣାର ସମୀକ୍ଷା କରୁଛନ୍ତି। ତାଙ୍କୁ ଅଧିକାରୀମାନେ ମଣିପୁର ସ୍ଥିତି ସମ୍ପର୍କରେ କ୍ରମାଗତ ଅପଡେଟ ଦେଉଛନ୍ତି। ନିକଟରେ ଅଧିକାରୀମାନେ ଗୋଟିଏ ଦିନରେ ପ୍ରଧାନମନ୍ତ୍ରୀଙ୍କୁ ୩ ଥର ମଣିପୁର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ ବୋଲି କୁହାଯାଇଛି। ମଣିପୁରରେ ଏବେ ବି କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ହିଂସା ଦେଖିବାକୁ ମିଳିଛି। ଏଥିପାଇଁ ପ୍ରଶାସନ ଆର୍ମି, ସିଆରପିଏଫ ଓ ସିଏପିଏଫର ଅତିରିକ୍ତ ୩୫ ଶହ ଯବାନଙ୍କୁ ମୁତୟନ କରିଛି। ସୁରକ୍ଷାକର୍ମୀମାନେ ମୈତେି ଓ କୁକି ସଂପ୍ରଦାୟର ଲୋକଙ୍କ ପାଇଁ ଗୋଟିଏ ବଫର ଜୋନ ମଧ୍ୟ ତିଆରି କରିଛନ୍ତି। ହିଂସାକୁ ଫାଇଦା ଉଠାଇବା ପାଇଁ ପଡ଼ୋଶୀ ମିଆଁମାରରେ ଥିବା ବିଦ୍ରୋହୀ ପ୍ରବେଶ କରିବାର ଆଶଙ୍କା ରହିଛି। ଏଥିପାଇଁ ଭାରତ-ମିଆଁମାର ସୀମାରେ ବାଡ଼ ଲଗାଇବା ବ୍ୟବସ୍ଥା କରାଯାଇଛି। ସେହିପରି ମିଜୋରାମ-ମଣିପୁର ସୀମାରେ ମଧ୍ୟ ସମାନ କାମ ଚାଲିଛି। ସର୍ଭେ କାମ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରାଯାଉଛି।

### ପିସିସି ନିର୍ବାଚନ....

ସଦସ୍ୟ ଭାବରେ ସର୍ବଶ୍ରୀ ଇନ୍ଦ୍ରମୋହନ ପଣ୍ଡା, ବିସ୍ମୟ ମହାପାତ୍ର, ଅମିୟ କୁମାର ପଟ୍ଟନାୟକ, ବାଙ୍କନିଧି ବେହେରା, ସୁଦର୍ଶନ ଦାସ, ରଜନୀ ମହାନ୍ତି, ଭୂଜବଳ ମାଝୀ, ମନିଷା ତ୍ରିପାଠୀ, ସସ୍ମିତା ବେହେରା, କିଶୋର ଜେନା, ଜିଆଉଲ ହକ, ୟାସିର ନୱାଜ, ଯୁବ କଂଗ୍ରେସ ସଭାପତି, ବନ୍ଦିତା ପରିଡ଼ା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ବେଣୁମାଧବ ତ୍ରିପାଠୀ ପ୍ରମୁଖ ରହିଛନ୍ତି ଏବଂ କମିଟିର ଆବାହକ ଭାବରେ ପ୍ରଶାନ୍ତ ଶତପଥି ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ବିଦ୍ୟାର୍ଥୀ ବିକାଶ ମଞ୍ଚର ଦୃଢ଼ ଦାବି

ଭଦ୍ରକ, ୨୭/୦୭ (ନି.ପ୍ର): ରାଜ୍ୟରେ ଥିବା ଫକୀର ମୋହନ ଓ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟ ଢାଞ୍ଚାରେ ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରାଜ୍ୟ ସରକାର ଅବିଳମ୍ବେ ନିଷ୍ପତି ନେବା ଲାଗି ବିଦ୍ୟାର୍ଥୀ ବିକାଶ ମଞ୍ଚ, ଭଦ୍ରକ ନିବେଦନ ଜଣାଇଛି। ଏହି ପ୍ରଂଗରେ ଭଦ୍ରକ ଜାନୁଗଞ୍ଜ ସ୍ଥିତ ଦିବ୍ୟମ୍ ସମ୍ମିଳନୀ କକ୍ଷରେ ଉକ୍ତ ମଂଚର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡଃ ଦେବେନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତା ଓ ଏହି ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ବିଶ୍ୱାଳଙ୍କ ସଭା ପରିଚାଳନାରେ ଅନୁଷ୍ଠିତ ମିଳିତ ବୈଠକରେ କିଛି ନିର୍ଦ୍ଦିଷ୍ଟ ବିଷୟକୁ ନେଇ ଆଲୋଚନା କରାଯାଇ ଆଗାମୀ କାର୍ଯ୍ୟକ୍ରମମାନ ସ୍ଥିର କରାଯାଇଛି ବୋଲି ଶ୍ରୀ ବିଶ୍ୱାଳ ଜଣାଇଛନ୍ତି। ପ୍ରଥମତଃ ଚଳିତ ବର୍ଷ ଜୁନ ୧୧ ତାରିଖରେ ଭଦ୍ରକ ଗସ୍ତରେ ଆସିଥିବା ରାଜ୍ୟ ସରକାରଙ୍କ '୫ଟି' ସଚିବଙ୍କ ସ୍ପଷ୍ଟ ପ୍ରତିଶୃତି ଅନୁଯାୟୀ ଆଉ ଆମ ସ୍ୱାଭିମାନୀ ଭଦ୍ରକବାସୀଙ୍କ ଧୈର୍ଯ୍ୟର ପରୀକ୍ଷା ନନେଇ ଖୁବ୍‌ଶୀଘ୍ର ଭଦ୍ରକରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସରାକରୀ ବିଜ୍ଞପ୍ତି ପ୍ରକାଶ କରିବା ସହିତ ଏହି ବାବଦରେ ମାନନୀୟ ମୁଖ୍ୟମନ୍ତ୍ରୀ, ଓଡ଼ିଶା ମହୋଦୟ ଏକ ଆଭାସୀ କାର୍ଯ୍ୟକ୍ରମ ଜରିଆରେ ଘୋଷଣା କରନ୍ତୁ ବୋଲି ଗଣମାଧ୍ୟମ ଜରିଆରେ ବିଦ୍ୟାର୍ଥୀ ବିକାଶ ମଞ୍ଚ ତରଫରୁ ଦୃଢଦାବି ଉପସ୍ଥାପନ କରାଯାଇଛି। ନଚେତ ଉକ୍ତ ଅନୁଷ୍ଠାନ ତାହାର ପୂର୍ବ ନିଷ୍ପତି ଅନୁଯାୟୀ ସମଗ୍ର ଜିଲ୍ଲାରେ ଛାତ୍ର ଓ ଜନଜାଗରଣକୁ ବ୍ୟାପକ କରିବା ସହିତ ରାଜ୍ୟ ବିଧାନସଭାରେ ହେବାକୁ ଥିବା ଚଳିତ ବର୍ଷ ମୌସୁମୀ ଅଧିବେଶନ ସମୟରେ ଜିଲ୍ଲାର ନିର୍ବାଚିତ ୫ଜଣ ବିଧାୟକଙ୍କ ବାସଭବନ ଆଗରେ ଭଦ୍ରକର ଛାତ୍ର ଓ ସଚେତନ ନାଗରିକଗଣ ପ୍ରଥମେ ଗଣଧାରଣା ଓ ପରେ ପରେ ଆମରଣ ଅନଶନ କରିବା ଲାଗି ବାଧ ହେବେ ବୋଲି ବିଦ୍ୟାର୍ଥୀ ବିକାଶ ମଞ୍ଚ ତରଫରୁ ସ୍ଥିର କରାଯାଇଥିବା ଜଣାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଚଳିତ ବର୍ଷ ଅଗଷ୍ଟ -୧୩ରୁ ନଭେମ୍ବର ୧୫ ମଧ୍ୟରେ ଉକ୍ତ ଭଦ୍ରକ ଜିଲ୍ଲାର ଐତିହାସିକ କଲେଜ ଭଦ୍ରକ କଲେଜ ସମେତ ୨୦ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଓ ଶୈକ୍ଷିକ ବାତାବରଣର ପରିବର୍ତ୍ତନ ପାଇଁ ଶିକ୍ଷା ପରିସରରେ ବୃକ୍ଷରୋପଣ, ଆବଶ୍ୟକୀୟ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ, ସେମିନାର, ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ ଆଦି କାର୍ଯ୍ୟକ୍ରମମାନ ପର୍ଯ୍ୟାୟକ୍ରମେ ସମ୍ପାଦନ କରିବା ଲାଗି ମଧ୍ୟ ଉକ୍ତ ବୈଠକରେ ସ୍ଥିର କରାଯାଇଛି। ଏହା ବ୍ୟତୀତ ଆହୁରି ଏକାଧିକ ଗଠନମୂଳକ ନିଷ୍ପତି ଆଗାମୀ ୪ ମାସ ପାଇଁ ଅନୁଷ୍ଠାନ ତରଫରୁ ନିଆଯାଇଛି। ସମୟାନୁସାରେ ସେହି ସବୁ ନିଷ୍ପତିକୁ ଗଣମାଧ୍ୟମ ସାମାଜିକ ଗଣମାଧ୍ୟମ ଓ ଲିଫ୍‌ଲେଟ୍ ତଥା ପୋଷ୍ଟର ଜରିଆରେ ଭଦ୍ରକର ଜନତାଜନାର୍ଦ୍ଦନଙ୍କୁ ଜଣାଇ ଦିଆ ଯିବ ବୋଲି ଅନୁଷ୍ଠାନ ତରଫରୁ ପ୍ରକାଶ। ଆଜିର ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପ୍ରଫେସର ଡଃ ରାଉତଙ୍କ ସମେତ ବରିଷ୍ଠ ଉପଦେଷ୍ଟା ଡଃ ବ୍ରଜମୋହନ ମିଶ୍ର, ରୋଟାରିଆନ୍ ଅଭିଜିତ୍ ନାୟକ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲକ୍ଷ୍ମୀଧର ରାଉତ, ପ୍ରମୋଦ ମହାରଣା, ଡଃ ରାଧାରାଣୀ ମହାପାତ୍ର, ଅତୁଲ ଦେ, ଚନ୍ଦ୍ରଗୁପ୍ତ ଲେଙ୍କା, ଉଦ୍ୟାନବିତ୍ ବିଚିତ୍ରାନନ୍ଦ ମହାନ୍ତି, ଦେବୀ ପ୍ରସାଦ ମହାରଣା, ଶଶଧର ବିଶ୍ୱାଳ, ଭଦ୍ରକ ସଭ୍ୟ ସମାଜର ସଦସ୍ୟ ତଥା ସଂଗ୍ରାମୀ ସାମାଜିକ କର୍ମୀ ଶାନ୍ତନୁ ରାଉତ, ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଜେନା, ମାନନୀୟା ଅଖୁଜୀ ବିଶ୍ୱାଳ, ପୁରୁଷୋତ୍ତମ ଆର୍ଯ୍ୟ, ବିଶ୍ୱନାଥ ରାଉତ, ବିଦ୍ୟାର୍ଥୀ ମମତା ବିଶ୍ୱାଳ, ମିନାରାଣୀ ବିଶ୍ୱାଳ, ମନିଷା, ମଧୁସ୍ମିତା ବିଶ୍ୱାଳ ଓ ଅନ୍ୟ ୩୦ରୁ ଉର୍ଦ୍ଧ୍ୱ ତ୍ୟାଗୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।


## ବିଭିନ୍ନ ଷ୍ଟେସନରେ GMU ଏବଂ SMUର କ୍ୟାଟରିଂ ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ନୋଟିସ ନଂ। CATG-KGP-23-09 Date: 26.07.2023

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଦକ୍ଷିଣ-ପୂର୍ବ ରେଳପଥ, ଖଡ଼ଗପୁର, ୦୫ (ପାଞ୍ଚ) ବର୍ଷ ପାଇଁ ବିଭିନ୍ନ ଷ୍ଟେସନରେ କ୍ୟାଟରିଂ ୟୁନିଟ୍ ଜିଏମୟୁ ଏବଂ ଏସଏମୟୁ ପାଇଁ ଇ-ନିଲାମ ପାଇଁ ୱେବସାଇଟ୍ https://www.ireps.gov.in/ ରେ ଆହ୍ୱାନ କରିଛନ୍ତି।

| ସିରିଏଲ ନଂ | ବର୍ଗ | କାଟାଲଗ୍ ନଂ | ନିଲାମର ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ତାରିଖ ଏବଂ ସମୟ |
|---|---|---|---|---|---|
| ୧. | କ୍ୟାଟରିଂ | CATG-KGP-23-09 | 31.07.2023 | 12:00 hrs. | 31.07.2023 at 14:40 hrs. |

ଇଚ୍ଛୁକ ପକ୍ଷ ଏବଂ କଣ୍ଟ୍ରାକ୍ଟରମାନେ ଏଥିପ୍ରତି ଧ୍ୟାନ ଦେବା ସହ କ୍ୟାଟରିଂ ୟୁନିଟ୍ ଗୁଡିକର ସବିଶେଷ ତଥ୍ୟ ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବସାଇଟ୍ ମାଧ୍ୟମରେ ଯାଆନ୍ତୁ । ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ, ଯଦି କିଛି ଜାଣିବାକୁ ଅଛି, ଦୟାକରି ନିମ୍ନୋକ୍ତ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-447) ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ, ଖଡ଼ଗପୁର

ଦକ୍ଷିଣ-ପୂର୍ବ ରେଳପଥ
ଆପଣଙ୍କ ଖୁସି ସହ ଆମେ ଅଛି

ଶୁକ୍ରବାର, ଜୁଲାଇ ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସାଧାରଣ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ଦାବି

ଭଦ୍ରକ, ୨୭/୦୭ (ନି.ପ୍ର): ସାଧାରଣ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବାକୁ ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଏକ ପ୍ରସ୍ତାପ ଗୃହିତ ହୋଇଛି। ସମିତି ପକ୍ଷରୁ ଏକ ଜରୁରୀ ବୈଠକ ଭଦ୍ରକ ବାଲଗୋପାଳ ମନ୍ଦିର ପରିସରରେ ଅନୁଷ୍ଠାନର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀକ୍ଷେତ୍ରସ୍ଥ ପୁରୀର ବଡ଼ ଦେଉଳରେ ସର୍ବ ସାଧାରଣ ଭକ୍ତଙ୍କ ପାଇଁ ଚାରି ଦ୍ୱାର ଖୋଲାଯିବାକୁ ଦାବି କରାଯିବା ସହ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ଭକ୍ତମାନେ ସାଧାରଣ ଧାଡ଼ିରେ ଦର୍ଶନ ପାଇଁ ଯାଉଥିବାରୁ ସେମନେ କ୍ଳାନ୍ତ, ଅବଶ ଓ ମୂର୍ଚ୍ଛିତ ହୋଇ ପଡୁଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିବାରୁ ସେମାନଙ୍କ ନିମନ୍ତେ ପଶ୍ଚିମ ପାର୍ଶ୍ୱ ଦ୍ୱାର ଖୋଲିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି। ଏହାବ୍ୟତୀତ ଶ୍ରୀକ୍ଷେତ୍ର ବଡ଼ ଦାଣ୍ଡରେ ଆମିଷ ଓ ନିଶା ସେବନ ବନ୍ଦ କରିବାକୁ ଦାବି କରାଯାଇଥିଲା। ଏହି ଆଲୋଚନାରେ ନାରାୟଣ ଚନ୍ଦ୍ର ପ୍ରଧାନ, ସୁଦର୍ଶନ ପଣ୍ଡା, ସନ୍ତୋଷ କୁମାର ଦାସ, କାହ୍ନୁଚରଣ ଦାସ, ମରୁତ କୁମାର ଦାସ ପ୍ରମୁଖ ବହୁ ସେବକମାନେ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଆବହକ ସେବକ ଶରତ କୁମାର ସାହୁ ଶ୍ରୀ ଜଗନ୍ନାଥ ସଂସ୍କୃତି ପାଠ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



# ଜଳେଶ୍ୱର ହାଇସ୍କୁଲରେ ଉକ୍ରର୍ଷର ପ୍ରଶିକ୍ଷଣ

ଜଳେଶ୍ୱର , ୨୭/୦୭ (ନି.ପ୍ର): ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏଲଇପି ଉତ୍କର୍ସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ କୁଂଜବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ୯ମ ଶ୍ରେଣୀରେ କମ୍‌ଉପଲବ୍ଧିସ୍ତରର ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କ ପୂର୍ବଜ୍ଞାନ ସହିତ ୯ମ ଶ୍ରେଣୀ ସ୍ତରକୁ ଆଣିବା ଏହା ଏକ ଅଭିନବ ପ୍ରୟାସ । ଏହି ଶିବିରରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକର ଶତାଧିକ ପ୍ରଧାନ ଶିକ୍ଷକ ଯୋଗ ଦେଇଥିବା ବେଳେ ଜଳେଶ୍ୱର ବ୍ଲକର ୨୯ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗଣିତ, ବିଜ୍ଞାନ, ଇଂରାଜୀ ଓ ଓଡିଆ ବିଭାଗରୁ ୧୧୬ଜଣ ବିଷୟ ଶିକ୍ଷକ ଯୋଗ ଦେଇ ବିଷୟଗତ କୌଶଳ ଆହରଣ କରିଥିଲେ। ଏହା ଶ୍ରେଣୀ କୋଠରୀରେ ଶିକ୍ଷାଦାନ ପଦ୍ଧତିରେ ଯଥେଷ୍ଟ ଉନ୍ନତି ଆଣିପାରିବ ବୋଲି ଶ୍ରୀ ପାତ୍ର କହିଥିଲେ । ଅନ୍ୟତମ ଅତିଥିଭାବେ ଜିଲା ବିଜ୍ଞାନ ପରିଦର୍ଶନ ହରେନ୍ଦ୍ର ମହାନ୍ତ, ଓଷ୍ଟା ଜିଲା ସଭାପତି ମନୋରଂଜନ ଦାସ, ଜିଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦୁ ବିକାଶ ପାତ୍ର, ବାଲିଆପାଳ ବ୍ଲକ ଓଷ୍ଟା କାର୍ଯ୍ୟକାରୀ ସଭାପତି ସୁକଦେବ ମହାନ୍ତି, ସମ୍ବଳ ଶିକ୍ଷକଭାବେ ଗଣିତରେ ସୌଭାଗ୍ୟ ରଂଜନ ଦେ, ମନୋଜ କୁମାର ପାତ୍ର, ବିଜ୍ଞାନରେ ଅରୁଣ କୁମାର ମହାନ୍ତି, ଅଜଂନ କୁମାର ପ୍ରଧାନ, ଇଂରାଜୀରେ ବିକାଶ କୁମାରଯ ରାଉଳ, ଗୋବର୍ଦ୍ଧନ ଜେନା, ଓଡିଆରେ ଦେବବ୍ରତ ଦେ, ଗୌରୀଶଂକର ଖିଲାର ଯୋଗ ;ଦେଇ ବିଭିନ୍ନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଅଧିବେଶନରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ଯୋଗ ଦେଇ ଶ୍ରେଣୀ କୋଠରୀରେ ବିଜ୍ଞାନକୁ ଅଧିକ ଉପଯୋଗୀ କରିବାକୁ ଆହ୍ୱାନ ଦେଇଥିଲେ । ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୂୟା ମଂଚ ଆହ୍ୱନ କରିଥିବା ବେଳେ ହରେକୃଷ୍ଣ ଜେନା ଧନ୍ୟବଦେ ଅର୍ପଣ କରିଥିଲେ ।

# ଓୟୁଜେ ପକ୍ଷରୁ କଲାମଙ୍କୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୨୭/୦୭ (ନି.ପ୍ର): ଅଗ୍ନି କ୍ଷେପଣାସ୍ତ୍ରର ଜନକ, ଛାତ୍ର ବତ୍ସଳ ଭାରତରତ୍ନ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ ପି ଜେ ଅବଦୁଲ କଲାମ ଙ୍କ ତିରୋଧାନ ଦିବସ ଆଜି ଓଡିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ପାଳିତ ହୋଇଯାଇଛି। ସଂଘ ର ସଦର ସଂଯୋଜକ ହାଇଦର ଖାନ ଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡକ୍ତର ଏ ପି ଜେ ଅବଦୁଲ କଲାମ ଙ୍କ ଜୀବନୀ ଓ ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଲେ ଯେ, କଲାମ ଆମ ପାଇଁ ସବୁଦିନେ ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କର କର୍ମକ୍ଷେତ୍ର ବାଲେଶ୍ୱର ର ଚାନ୍ଦିପୁର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର ଥିଲା। ଶିଲଂ ଆଇ ଆଇ ଏମ୍ ରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଉଥିବା ବେଳେ ହଠାତ ତାଙ୍କର ପ୍ରାଣ ବାୟୁ ଉଡ଼ିଯାଇଥିଲା। ସଂଘ ର ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ କରାଯାଇଥିବା ଏହି କାର୍ଯ୍ୟକ୍ରମ ରେ ସଂପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ, ହିମାଂଶୁ ଦାସ ଅଜିତ କୁମାର ମହାନ୍ତି ମନୋଜ କୁମାର ରାଉଳ, ଲକ୍ଷ୍ମୀଧର ବାରିକ ,ଅଧିପ




କୁମାର ଜେନା, କହ୍ନେଇ ଚରଣ ପ୍ରଧାନ, ଅରୂପ କୁମାର ମହାନ୍ତି, ଲକ୍ଷ୍ମୀ ଧର ଗାନ, ବିନାୟକ ମହାପାତ୍ର, ତପନ କୁମାର ଦାସ ସୋମନାଥ ସାହୁ ସାମ୍ବାଦିକ ସେକ ନଜିମ,ଅଜୀମ ବାଲେଶ୍ୱରୀ, ପ୍ରକାଶ ଚନ୍ଦ୍ର ମହାନ୍ତି, ତପନ କୁମାର ଦାସ, ଜ୍ଞାନ ରଞ୍ଜନ ଦାସ ଯୁବ ନେତା ମନୋଜ କୁମାର ରାଉତ, ବିଶ୍ୱଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ।

## ଶ୍ରୀମନ୍ଦିରର ଚାରିଦ୍ୱାର ତୁରନ୍ତ ଖୋଲାଯାଉ: ଡ ସମ୍ବିତ ପାତ୍ର

ଭୁବନେଶ୍ୱର, ୨୭/୦୭ (ନି.ପ୍ର): ଶ୍ରୀମନ୍ଦିରର ଚାରିଦ୍ୱାର ତୁରନ୍ତ ଖୋଲାଯାଉ ବୋଲି ଦାବି କରିଛନ୍ତି ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର । ସେ କହିଛନ୍ତି ଯେ, ଶ୍ରୀମନ୍ଦିରର ଚାରିଦ୍ୱାର ବିଲକୁଲ ଖୋଲିବା କଥା । ଯେପରି ସୁଲଭ ଭାବେ ଭକ୍ତ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ, ତାହା ପ୍ରଶାସନର କାମ । ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଏବଂ ଏହା ଆମର ପାର୍ଟିର ଷ୍ଟାଣ୍ଡ । ତେଣୁ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲାଯାଉ ବୋଲି ସେ ଦାବି କରିଛନ୍ତି ।

ସେହିପରି ବନକ ଲାଗି ନୀତି ପ୍ରସଙ୍ଗରେ ସେ କହିଛନ୍ତି ଯେ ସେବକ ଏବଂ ଭକ୍ତଙ୍କ ଯେମିତି ମଙ୍ଗଳ ହେବ ଏବଂ ସେବକମାନେ ମଧ୍ୟ ସୁବିଧାରେ ରୁହନ୍ତୁ ଏନେଇ ରାଜ୍ୟ ସରକାର ଏବଂ ପ୍ରଶାସନ କାମ କରିବା କଥା ।

# ମୁକୁଳିସିରେ କାର - ଅଟୋ ମୁହାଁମୁହିଁ ଧକ୍କା: ଅଟୋ ଚାଳକର ମୃତ୍ୟୁ

ବସ୍ତା, ୨୭/୦୭ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ମୁକୁଳୁସି ଛକ ନିକଟରେ ଏକ କାର ଏବଂ ଗୋଟିଏ ଇଲେକ୍ଟ୍ରି ଅଟୋ ମୁହାଁ ମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମର ସଞ୍ଜୟ ଖଟୁଆ ଗୁରୁବାର ନିଜ ଇଲେକ୍ଟ୍ରି ଅଟୋ ନେଇ ମୁକୁଳିସୀକୁ ଗାଇ ଦାନା ନେବାକୁ ଆସୁଥିବା ବେଳେ ମୁକୁଳିସୀ ଛକ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ଦ୍ରୁତଗାମୀ କାର (ନଂଓଡ଼ି୦୧ଜି୬୦୭୨)ତାଙ୍କୁ ମୁହଁ। ମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଅଟୋ ଚାଳ କ ସଞ୍ଜୟଖଟୁଆ ବୟସ ୩୬ ଙ୍କ ର ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା ଏପରି ହୋଇଛି ଯେ କାରଚକା ରେ ଅଟୋ ଚାଳକ ସଞ୍ଜୟ ମର୍ମନ୍ତୁଦ ଭାବେ ଘୋଷାରି ହୋଇଯାଇଥିଲା। ପରେ ଘଟଣା ସ୍ଥଳରୁ କାର ଚାଳକ ଗାଡି ଛାଡି ଚମ୍ପଟ ମାରିଥିବା ବେଳେ ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଂଚି ଶବ କୁ ଜବତ କରିଛି ।ଶବ ବ୍ୟବଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରୀ ରଖିଛି।



# ଜାତୀୟ ରଗ୍‌ବି ପ୍ରତିଯୋଗିତାରେ ମୟୁରଭଞ୍ଜ ଦଳ



ବାରିପଦା , ୨୭/୦୭ (ନି.ପ୍ର): ଦିଲ୍ଲୀର ବସନ୍ତକୁଞ୍ଜ ଠାରେ ଦିଲ୍ଲୀ ହରିକେନ୍ସ ରଗ୍ବି କ୍ଲବ ଓ ଦିଲ୍ଲୀ ରଗ୍ବି ସଙ୍ଘ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦିଲ୍ଲୀ ରଗ୍ବି ସେଭେନ୍ସ ପ୍ରତିଯୋଗିତା - ୨୦୨୩ ରେ ଅଂଶଗ୍ରହଣ କରିବା ପାଇଁ ଓଡିଶା ତରଫରୁ ମୟୁରଭଞ୍ଜର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ଉଭୟ ପୁରୁଷ ଓ ମହିଳା ଦଳ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି ଓ ପୁରୁଷ ଦଳରେ ଚନ୍ଦନ ସିଂ ( ଅଧିନାୟକ ), ଦୀପକ ବେହେରା, ଲାଖାଇ ଟୁଡୁ, ଗଜେନ୍ଦ୍ର ବାସ୍କେ, ମନୋଜ କୁମାର ସିଂ, କୁଁଅର ହାଁସଦା, ବିର୍ଷାବୀର ମାରାଣ୍ଡି, ସର୍ବେଶ୍ୱର ମୁର୍ମୁ, ପ୍ରକାଶ ଧାରୁଆ, ଅଜିତ ହାଁସଦା, କାନ୍ଦ୍ରା ଟୁଡୁ ଓ ସୁଗୁଦା ମାଝୀ ତଥା କୋଚ ରାଜକିଶୋର ପାତ୍ର ଓ ମ୍ୟାନେଜର ତରଣୀସେନ ନାୟକ ଏବଂ ମହିଳା ଦଳରେ ସନ୍ଧ୍ୟାରାଣୀ ଟୁଡୁ ( ଅଧିନାୟକ), ସୁନିତା ହାଁସଦା, ସରିତା ମାଝୀ, ସରସ୍ୱତୀ ହାଁସଦା, ମାମୁନି ହେମ୍ବ୍ରମ, ଲିଲିମଣୀ ହାଁସଦା, ଜେମାମଣୀ ନାଏକ, ଲିଜା ସର୍ଦ୍ଦାର, ପାର୍ବତୀ ନାଏକ, ସୋନି ମାଣ୍ଡାଙ୍ଗୀ, ଅମିଶା ରାଣୀ ମାଝୀ ଓ ଜ୍ୟୋତ୍ସ୍ନା ଟୁଡୁ ତଥା କୋଚ ନିରଞ୍ଜନ ବିଶ୍ୱାଳ ଓ ମ୍ୟାନେଜର ଦାରାସିଂ ମହାନ୍ତ ପ୍ରମୁଖ ସ୍ଥାନ ପାଇଛନ୍ତି ଓ ସମସ୍ତ ଖେଳାଳୀଙ୍କୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଦେବାଶିଷ ମାରାଣ୍ଡି, ଅନୁଷ୍ଠାନର ନିର୍ଦ୍ଦେଶକ ଅମର ସେଠି, ଉପଦେଷ୍ଟା ସୋମନାଥ ସିଂହ ଓ ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲା ପ୍ରଶାସନ, ଡିଭାଇନ ଇଞ୍ଜିନିୟରିଙ୍ଗ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ବିପ୍ଳବ ଭୁଗୁଡେଇ, ସମାଜସେବୀ ଗିରିଶ ଚନ୍ଦ୍ର ଦାସ ଓ ହୃଷିକେଶ ମହାପାତ୍ର ପ୍ରମୁଖ ଅନୁଷ୍ଠାନର ସଫଳତା ପାଇଁ ସହାୟତା ପ୍ରଦାନ କରିଥିବାରୁ ଅନୁଷ୍ଠାନ କୃତଜ୍ଞତା ଜଣାଇଛି । ଚଳିତ ମାସ ୩୦ ତାରିଖରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଦ୍ୱାରା ଦେଶବ୍ୟାପୀ ରାଲି ପ୍ରଦର୍ଶନ

ବାଲେଶ୍ୱର, ୨୭/୦୭ (ନି.ପ୍ର): ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ୩ୟ ଚରଣ ଆନ୍ଦୋଳନ ଦେଶର ୩୧ଟି ରାଜ୍ୟର ୫୬୭ଟି ଜିଲ୍ଲା ମୁଖ୍ୟାଳୟରେ ଏକକାଳୀନ ରାଲି ପ୍ରଦର୍ଶନ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାରେ ଆଜି ତା ୨୭-୦୭-୨୦୨୩, ଗୁରୁବାର ଦିନ ଦିବା ୧୧ଘଟିକା ସମୟରେ ବାଲେଶ୍ୱର ସ୍ଥିତ ଫକୀରମୋହନ ଗୋଲେଇରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ରାଲି ପ୍ରଦର୍ଶନର ଆୟୋଜନ ଅନୁଷ୍ଠିତ ହୋଇଯାଇଅଛି ଏବଂ ୨୨ଦଫା ସମ୍ବଳିତ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଅଛି। ଦାବିଗୁଡ଼ିକ ମଧ୍ୟରୁ ସମାନ ନାଗରିକ ସଂହିତା ବା ୟୁସିସି, ମଣିପୁର ରାଜ୍ୟରେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ସହିତ ନଗ୍ନ ପ୍ୟାରେଡ୍ କରାଇବା, ମଧ୍ୟପ୍ରଦେଶ ରାଜ୍ୟରେ ପ୍ରବେଶ ଶୁକ୍ଲାଙ୍କ ଦ୍ୱାରା ଆଦିବାସୀ ଯୁବକଙ୍କ ମୁହଁରେ ପରିସ୍ରା କରିବା, ଅସମ୍ବିଧାନିକ ପଦ୍ଧତିରେ ନୂତନ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରାଯିବା ଏବଂ ବିକାଶ ନାମରେ, ବନ୍ୟଜନ୍ତୁ ସଂରକ୍ଷଣ ନାମରେ, ପର୍ଯ୍ୟାବରଣ ସୁରକ୍ଷା ନାମରେ ଆଦିବାସୀଙ୍କୁ ସେମାନଙ୍କ ଜଳ, ଜଙ୍ଗଲ ଓ ଜମିରୁ ବିସ୍ଥାପନ କରାଯିବା ସହିତ ଆଦିବାସୀ, ଅନୁସୂଚିତ ଜାତି, ଓବିସି, ଧାର୍ମିକ ଅଳ୍ପସଂଖ୍ୟକମାନଙ୍କୁ ସ୍ୱତନ୍ତ୍ର ପରିଚୟ ଆଧାରରେ ମିଳିଥିବା ସମ୍ବିଧାନିକ ଅଧିକାରକୁ ସମାପ୍ତ କରି ହିନ୍ଦୁକରଣ କରିବା ପ୍ରତିବାଦରେ ଏହି ରାଲି ଆୟୋଜନ କରାଯାଇଅଛି । ଏହି ଆନ୍ଦୋଳନରେ ରାଷ୍ଟ୍ରୀୟ ମୂଳନିବାସୀ ମହିଳା ସଂଘ, ଭାରତୀୟ ବିଦ୍ୟାର୍ଥୀ, ଯୁବା, ବେରୋଜଗାର ମୋର୍ଚ୍ଚା ସହିତ ଜିଲ୍ଲାର ଅନେକ କ୍ଷତ୍ରୀୟ ସଂଗଠନ



ପୂର୍ଣ୍ଣ ସମର୍ଥନ କରିବା ସହିତ ବହୁ ସଂଖ୍ୟାରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସରକାର ଯଦି ଉପରୋକ୍ତ ଦାବିଗୁଡ଼ିକ ବିଚାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆସନ୍ତା ୦୭ ଅଗଷ୍ଟ ୨୦୨୩ ଦିନ ଭାରତ ବନ୍ଦ କରାଯିବା ସହିତ ଆଗାମୀ ଦିନରେ ଆହୁରି ଏହାଠାରୁ ବଡ଼ ଉଗ୍ର ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ରସାନନ୍ଦ ସିଂ, ସୁଦର୍ଶନ ଜେନା, ଅରୁଣ କୁମାର ଜେନା, ଶାନ୍ତିଲତା ଚାତାର, କରୁ ମାରାଣ୍ଡି, ନିରଞ୍ଜନ କୁଜୁର, ଚଣ୍ଡ ସିଂହ, ସାବିତ୍ରୀ ଆଢ଼୍ୟ, ଶାନ୍ତିଲତା ଚାତର, ବୁଧିରାମ ସିଂ, ରାଜେନ୍ଦ୍ର ମାର୍ଣ୍ଡି, ସାବିତ୍ରୀ ଆଣ୍ଡିଆ, ବାସନ୍ତି ସମ୍ବ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସୁଦର୍ଶନ ଜେନା, ସଭାପତି ଆମ୍ବେଦକର ବିକାଶ ପରିଷଦ, ବାଲେଶ୍ୱରଙ୍କ ସଭାପତିତ୍ୱରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଆନ୍ଦୋଳନର ସ୍ୱରକୁ ଓଡ଼ିଶାର ସମସ୍ତ ଜନସାଧାରଣଙ୍କ ନିକଟରେ ବିସ୍ତାର ଭାବରେ ପ୍ରଚାର ପ୍ରସାର କରିବାକୁ ଆପଣଙ୍କ ଗଣମାଧ୍ୟମକୁ ଅନୁରୋଧ।

# ମୁମ୍ବାଇରେ ପ୍ରବଳ ବର୍ଷାରେ ନିଚ୍ଚା ସ୍ଥାନ ଗୁଡ଼ିକରେ ଜଳମଗ୍ନ: ଜୁଲାଇ ମାସରେ ରେକର୍ଡ଼ ବର୍ଷା

ମୁମ୍ବାଇ, ୨୭/୦୭ (ନି.ପ୍ର): ମୁମ୍ବାଇରେ ବୁଧବାର ରାତିରୁ ପ୍ରବଳ ବର୍ଷାରେ ନିଚ୍ଚା ସ୍ଥାନ ଗୁଡ଼ିକରେ ପାଣି ଭର୍ତି ହୋଇଯାଇଛି । ସଡ଼କ ଯାତାୟତ ସହିତ ମୁମ୍ବାଇର ଲାଇଫଲାଇନ ହାର୍ବର ରେଳବାଇର ସ୍ଥାନୀୟ ସେବା ମଧ୍ୟ ପ୍ରଭାବିତ ହୋଇଥିବା ବେଳେ ପଶ୍ଚିମ ରେଳ ଏବଂ କେନ୍ଦ୍ରୀୟ ରେଳବାଇର ସେବା ସୁରୁଖୁରୁରେ ଚାଲିଛି । ପାଣିପାଗ ବିଭାଗ ଅନୁଯାୟୀ ମୁମ୍ବାଇରେ ହୋଇଥିବା ବର୍ଷା ଜୁଲାଇ ମାସରେ ହୋଇଥିବା ପୂର୍ବ ରେକର୍ଡ଼କୁ ଭାଙ୍ଗି ଦେଇଛି । ଡ୍ରେନେଜ କାମ ମୁମ୍ବାଇ ମ୍ୟୁନିସପାଲଟି କର୍ପୋରେସନ କର୍ମଚାରୀଙ୍କ୍ ଦ୍ୱାରା ପମ୍ପ ସାହାଯ୍ୟରେ କରଯାଉଛି ।

# ଜଳେଶ୍ୱରରେ ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ର ଲୋକାର୍ପଣ



ଜଳେଶ୍ୱର , ୨୭/୦୭ (ନି.ପ୍ର): ଜଳେଶ୍ୱରରେ ପ୍ରଧାନମନ୍ତ୍ରୀ ସମୃଦ୍ଧି କେନ୍ଦ୍ର ଲୋକାର୍ପଣ ହୋଇଛି । ଏ ସଂପର୍କରେ ଆଜି ଜଳେଶ୍ୱର ସହରର ନନ୍ଦିକାସ୍ଥିତ ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଛି । ଏହା ସହିତ ୟୁରିଆ ଗୋଲ୍ଡ ଗନ୍ଧକ ଆବୃତ ସାରର ଶୁଭାରମ୍ଭ, ୮.୫ କୋଟି କୃଷକଙ୍କ ଖାତାକୁ ୧୭୫୦୦ କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଥିବା ହୋଇଥିବା ସଂପର୍କରେ କରମଣ୍ଡଳ ଇଣ୍ଟରନେସନାଲ ଲିମିଟେଡ କମ୍ପାନୀର ନିର୍ବାହୀ ଅଧିକାରୀ ସ୍ୱମେନ୍ଦୀପ ସାହୁଙ୍କ ଅଧ୍ୟକ୍ଷତା କରି କହିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ ଓ ମୁଖ୍ୟବକ୍ତାଭାବେ କାଉନ୍‌ସିଲର ପ୍ରତିନିଧି ଆଦିତ୍ୟ ପାତ୍ର ଯୋଗ ଦେଇଥିଲେ । ଭିଡିଓ କନ୍‌ଫାରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ ସମୃଦ୍ଧି କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଉପସ୍ଥିତ କୃଷି ପ୍ରତିନିଧି ଓ କୃଷକମାନେ ଶୁଣିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନଗେନ୍ଦ୍ର ପାତ୍ର, ରାଜେଶ ସାହୁ, ସନ୍ଦିପ ମିତ୍ର, ଦୁର୍ଗାଶଂକର ଭୂୟାଁ, ଭରତ ପଣ୍ଡା, ସତ୍ୟଜିତ୍ ଦାସ, ନବିନ ଭୂୟାଁ, ସୀତାରାମ ପାତ୍ର, ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରପାଳିକା ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ



ବାସୁଦେବପୁର, ୨୭/୦୭ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ନୀଳମଣି ଟାଉନ ହଲ ପରିସରରେ ବଡା ଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ପୌର ପାଳିକା ର ଚେୟାରମ୍ୟାନ ନିବେଦିତା ବେହେରା, କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, କାଉନସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ଭାଇସ ଚେୟାରମ୍ୟାନ ଉତ୍ତମ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପୌର ପାଳିକା ପକ୍ଷରୁ ସଫେଇ କର୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ରେନ କୋଟ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ସୁସ୍ଥ ଓଡିଶା ସୁଖୀ ଓଡିଶାର ଲକ୍ଷ୍ୟ ନେଇ ଓଡିଶା ର ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂତନ ଯୋଜନା ଆରମ୍ଭ କରିଥିଲେ ଓ ଏହାକୁ ସମସ୍ତେ ପ୍ରଶଂସା କରିଛନ୍ତି । ଶେଷରେ ସମସ୍ତେ ମଧ୍ୟାହ୍ନ ଭୋଜନ ରେ ସାମିଲ ହୋଇଥିଲେ । ପୌର ପାଳିକାର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo